**ସଂକ୍ଷେପରେ**

## ୨୧.୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ବାଲିଅନ୍ତା,୪।୧୨(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର କେନାଲ ରାସ୍ତା ନିକଟରୁ ବାଲିଅନ୍ତା ପୋଲିସ ଏକ କାର୍ ଭିତରୁ ୨୧ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ବେଆଇନ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତି ଥିବା ୨ ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପିପିଲି ଥାନା ଅଞ୍ଚଳର ଅଶୋକ ବରାଳ (୩୬) ଓ ଶେଖ୍ ସକିଲ (୪୪)। ପୋଲିସ ତାଙ୍କ ପାଖରୁ ଏକ କାର୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ପୋଲିସ ୫୯୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆନ୍ଦୋଳନକୁ ଓହ୍ଲାଇବନି କଳା ଓ କ୍ରୀଡ଼ା ଶିକ୍ଷକ ସଂଘ

ଭୁବନେଶ୍ୱର,୪।୧୨(ସୁଚିସ୍ମିତା ସାହୁ)

ଚଳିତ ବର୍ଷ ଶୀତକାଳୀନ ଅଧିବେଶନରେ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବନାହିଁ। ସରକାରଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆସନ୍ତା ଅଧିବେଶନରେ ଆନ୍ଦୋଳନ କରିବନି ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ରିଲିଜ ମାଧ୍ୟମରେ ସୂଚନା ଦିଆଯାଇଛି। ସଚିବାଳୟଠାରେ ଶିକ୍ଷା ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କଳା ଓ କ୍ରୀଡ଼ା ଶିକ୍ଷକ ସଂଘର ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ଯୋଗଦେଇ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ରେଗୁଲାର କରାଯାଉ ବୋଲି ଦାବି ରଖିଥିଲେ। କଳା ଓ କ୍ରୀଡ଼ା ଶିକ୍ଷକଙ୍କ ରେଗୁଲାର ମାନ୍ୟତା ପାଇଁ ତାଙ୍କର ସହଯୋଗ ରହିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ।

## 'ଛାତ୍ରୀଛାତ୍ର ସାଂସ୍କୃତିକ ରାଷ୍ଟ୍ରଦୂତ ସାଜନ୍ତୁ'

ଭୁବନେଶ୍ୱର,୪।୧୨(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସାଂସ୍କୃତିକ ସମାରୋହ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନକରି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ଅନନ୍ୟ ପ୍ରତିଭା ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱରେ ପ୍ରସାର ଓ ପ୍ରଚାର କରି ସାଂସ୍କୃତିକ ରାଷ୍ଟ୍ରଦୂତ ସାଜିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସାଂସ୍କୃତିକ କ୍ଷେତ୍ରରେ ସଫଳ ହୋଇଥିବା ଡ. ନିଗମାନନ୍ଦ ସାହୁ, ଡ. ସସ୍ମିତା କାମିଲା, ବିଦ୍ୟାଧର ଶତପଥୀ, ସର୍ବେଶ୍ୱର ବୈଠାରୁ ଓ ଚକ୍ରଧର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡ. ସସ୍ମିତା କାମିଲାଙ୍କ 'ବ୍ୟବହାରିକ କଳା' ଏବଂ ଡ. ନିଗମାନନ୍ଦ ସାହୁଙ୍କ 'ଓଡ଼ିଶାର ଯନ୍ତ୍ର ସଙ୍ଗୀତ' ନାମକ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ଆବାହକ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଏବଂ ସଭାପତି ଡ. ନୀଳାଦ୍ରି କଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ମାଡ଼ ମାରିଲେ ଘର ମାଲିକଙ୍କ ୨ ପୁଅ

- ଭୁବନେଶ୍ୱରରେ ଭଡ଼ାଘର ଛାଡ଼ିବାକୁ ନେଇ ଗଣ୍ଡଗୋଳ
- ସୋସିଆଲ୍ ମିଡିଆରେ ଭିଡିଓ ଭାଇରାଲ

ଭୁବନେଶ୍ୱର,୪।୧୨ (ସତ୍ୟଜିତ୍ ରାଉତ)


ଗିରଫ ଅଭିଯୁକ୍ତ ୨ ଭାଇ।

ଭୁବନେଶ୍ୱର ଖାରବେଳନଗରସ୍ଥିତ ପ୍ଲଟ ନଂ-୨୨କୁ ଭଡ଼ାରେ ନେଇଥିବା ଘର ଖାଲି କରିବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଭଡ଼ାରେ ରହୁଥିବା ଯୁବତୀ ଓ ମାଲିକଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଯୁବତୀଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର ଘଟଣାରେ ଖାରବେଳନଗର ଥାନା ପୋଲିସ ଘର ମାଲିକଙ୍କ ଦୁଇ ପୁଅଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପ୍ରକାଶ ପ୍ରଧାନ (୨୯) ଓ ପ୍ରଦ୍ୟୁମ୍ନ ପ୍ରଧାନ (୪୨)। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଝଗଡା ବେଳର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି।

ପୋଲିସ ସୂଚନାନୁଯାୟୀ, ପୀଡ଼ିତା ଅଭିଯୋଗକାରିଣୀ ପ୍ଲଟ ନଂ-୨୨ର ତଳମହଲାରେ ଏକ ଘର ନେଇ ୨ବର୍ଷ ହେବ ରହୁଛନ୍ତି। ସେ ଏକ ସଂସ୍ଥାରେ ସେଲ୍ସମ୍ୟାନ ଭାବେ କାମ କରୁଥିବାବେଳେ ଭଡ଼ା ଟଙ୍କା ଦେବାରେ ଅନିୟମିତତା କରିବାରୁ ଘର ଛାଡ଼ିଦେବାକୁ ମାଲିକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ତାଙ୍କୁ ତାଗିଦ୍ କରୁଥିଲେ। ହେଲେ ଅଗ୍ରିମ ଭଡ଼ା ବାବଦକୁ ୩୦ ହଜାର ଟଙ୍କା ଦେଇଥିବାବେଳେ ଉକ୍ତ ଟଙ୍କା ଫେରାଇଲେ ସେ ଘର ଛାଡ଼ିବେ ବୋଲି ପୀଡ଼ିତା ଜଣଙ୍କ କହିଥିଲେ। ଏହାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଥାନାରେ ଦୁଇ ମାମଲା ମଧ୍ୟ ରହିଛି। ସୋମବାର ମାଲିକଙ୍କ ସ୍ତ୍ରୀଙ୍କୁ ଯୁବତୀ ଜଣଙ୍କ ଗାଳିଗୁଲଜ କରିଥିବା ଅଭିଯୋଗ ପରେ ପୋଲିସ ଆଉ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରୁ ୮ଟା ୩୦ ମଧ୍ୟରେ ରୁମ୍ ପରିସରରେ ପୁଣି ଝଗଡ଼ା ଉଗ୍ରରୂପ ନେଇଥିଲା। ପୀଡ଼ିତା ଯୁବତୀ ଓ ତାଙ୍କ ରୁମମେଟ୍‌ଙ୍କ ମଧ୍ୟରେ ମାଲିକ ପ୍ରଫୁଲ୍ଲ ଏବଂ ତାଙ୍କ ଦୁଇପୁଅଙ୍କ ଝଗଡ଼ା ହୋଇଥିଲା। ଏହି ସମୟରେ ଯୁବତୀ ଓ ତାଙ୍କ ସାଥୀମାନଙ୍କୁ ଅଭିଯୁକ୍ତମାନେ ଟଣାଓଟରା କରିବା ସହ ଅସଦାଚରଣ କରି ମାଡ଼ ମାରିଥିଲେ। ଏନେଇ ଯୁବତୀଙ୍କ ଏତଲା ଆଧାରରେ ଖାରବେଳନଗର ଥାନା ପୋଲିସ ଏକ ମାମଲା (ନଂ.୫୩୦/୨୦୨୪) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।



ଉଦ୍‌ଘାଟନ ହେବାକୁ ଥିବା ଜିଲା ଜଜ୍ କୋର୍ଟର ନୂତନ କୋଠାକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)

## ଆଜି ଉଦ୍‌ଘାଟନ ହେବ ଜିଲା ଜଜ୍ କୋର୍ଟର ନୂଆ କୋଠା

ଭୁବନେଶ୍ୱର,୪।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଜଜ୍ କୋର୍ଟର ନୂଆ କୋଠାକୁ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ। ଏଥିପାଇଁ କୋର୍ଟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବାବେଳେ କୋଠାକୁ ଅତି ସୁନ୍ଦର ଭାବେ ସଜାଯାଇଛି। ଏହି କୋଠାରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଥିବାବେଳେ ମାଗଣା ୱାଇଫାଇ ବ୍ୟବସ୍ଥା ମଧ୍ୟ ରହିଛି। କୋର୍ଟ କୋଠାଟି ୫ମହଲା ବିଶିଷ୍ଟ ରହିଥିବାବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିସହ କୋର୍ଟରେ ୫୭ଟି କୋର୍ଟରୁମ୍ ସହ ବହୁତଳ ପାର୍କିଂ ବ୍ୟବସ୍ଥା ଆଦି ରହିଛି। ତେବେ ଉଦ୍‌ଘାଟନ ପୂର୍ବରୁ କୋଠା ସୁନ୍ଦର ଆଲୋକମାଳାରେ ଝଲସୁଥିବା ଦେଖିବାକୁ ମିଳିଛି।

# ଦାବି ପୂରଣ ନ ହେଲେ ସତ୍ୟାଗ୍ରହ କରାଯିବ


ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୪।୧୨(ସୁଚିସ୍ମିତା ସାହୁ)

**ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନିଷ୍ପତ୍ତି**

ରାଜ୍ୟରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନୁଦାନ, ସ୍ୱୀକୃତି ପେନ୍‌ସନ ତଥା ନିଯୁକ୍ତି ଆଇନ ଓ ନିୟମକୁ କେତେଜଣ ପଦାଧିକାରୀ ପଥଭ୍ରଷ୍ଟ କରୁଛନ୍ତି। ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଏହି ଅଭିଯୋଗ ଆଣିଛି। ସେମାନଙ୍କ ପୁନଃ ନିଯୁକ୍ତି ଆଦେଶକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ମଞ୍ଜୁର କରାଯାଉ। ଉକ୍ତ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନୁଦାନପ୍ରାପ୍ତ ବିଦ୍ୟାଳୟ ପେନ୍‌ସନ ନିୟମାନୁସାରେ ପେନ୍‌ସନ ଦେବାକୁ ସଂଘ ଦାବି କରିଛି। ବୁଲନଭାଇ ସେବା ସଦନରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଏଭଳି ଅଭିଯୋଗ ଆଣିବା ସହ ଦାବି ଉପସ୍ଥାପନ କରିଛି। ଯଦି ସରକାର ଦାବି ପୂରଣ କରିବାରେ ବିଳମ୍ବ କରନ୍ତି, ତେବେ ଛାତ୍ରୀଛାତ୍ର, ଅଭିଭାବକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସଂଘର ସଭାପତି ଅଜୟ କୁମାର ମହାପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଅନେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବର୍ଷ ଅଧାରୁ ବାରଦୁଆର ହେବା, ମୌଳିକ ଶିକ୍ଷା ପାଇଁ ନିର୍ଯାତିତ ସହ ଅଧାରୁ ପାଠ ଛାଡ଼ିବା, ପିଲାଙ୍କୁ ମଧ୍ୟାହ୍ନଭୋଜନ ନ ମିଳିବା ପରିତାପର ବିଷୟ। ସେହିପରି ସରକାର ତୁରନ୍ତ କାର୍ଯ୍ୟରତ ସହକାରୀ ଶିକ୍ଷକଙ୍କୁ ଟ୍ରେଣ୍ଡ ଇଣ୍ଟର ମିଡିଏଟ ହାରରେ ଦରମା ପ୍ରଦାନ କରନ୍ତୁ। ସ୍କେଲ ଅପ୍‌ଗ୍ରେଡେଶନ ଓ ଅବସର ବୟସ ସୀମା ୧୯୭୪ ନିୟମାବଳୀର ଧାରା ୧୯ ଅନୁସାରେ ୬୦ରୁ ୬୨ବର୍ଷକୁ ବୃଦ୍ଧି କରିବାକୁ ମଧ୍ୟ ଦାବି କରାଯାଇଛି।

## ୨ ଲୁଟେରାଙ୍କୁ ୩ ବର୍ଷ ଲେଖାଏ ଜେଲ୍

ଭୁବନେଶ୍ୱର,୪।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ବୁଧବାର ରାୟ ପ୍ରକାଶ କରି ଅଭିଯୁକ୍ତ ଦୁଇ ଲୁଟେରାଙ୍କୁ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ ୩ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ଦୋଷୀଦ୍ୱୟ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଝରଣା ବସ୍ତିର ଚନ୍ଦନ ନାୟକ ଓ ଖାରବେଳନଗର ୟୁନିଟ-୩ ଅଞ୍ଚଳର ଏସ୍.କେ. ଅଲ୍ଲି ଅଜମ୍। ପୀଡ଼ିତା ଶୁଭଶ୍ରୀ ଧଳ ୨୦୨୩ ମାର୍ଚ୍ଚ ୨ ତାରିଖ ରାତି ପ୍ରାୟ ୯ଟା ବେଳେ ଅଫିସ ଯାଉଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ସୁନାଚେନ୍ ଝାମ୍ପି ନେଇଯାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ରାକେଶ ପୋଥାଲ ଓ ଅନସ୍‌ର ଅଲ୍ଲୀ ପ୍ରମୁଖ ପରିଚାଳନା କରୁଥିଲେ।

## 'ସାବିତ୍ରୀବାଈ ଫୁଲେ' ନାଟକରେ ନିର୍ଯାତିତାଙ୍କ କଥା



ଭୁବନେଶ୍ୱର,୪।୧୨(ସୌମ୍ୟରଞ୍ଜନ ରାଉତ)

**ଅଭିନେତ୍ରୀ ମମତା ମହାନ୍ତିଙ୍କୁ ଇଟ୍ ସମ୍ମାନ**

ସାବିତ୍ରୀବାଈ ଫୁଲେ ଭାରତର ପ୍ରଥମ ମହିଳା ଦଳିତ ଶିକ୍ଷୟିତ୍ରୀ। ଅବହେଳିତ ଓ ନିର୍ଯାତିତ ମହିଳାଙ୍କ ପାଇଁ ଆଜୀବନ ସଂଗ୍ରାମ କରିଥିବା ଇତିହାସର ସେ ଏକ ଅମଳିନ ପୃଷ୍ଠା ସଦୃଶ। ବାଲ୍ୟବିବାହ କାରଣରୁ କମ୍ ବୟସରେ ବାଳିକା ବିଧବାତ୍ୱ ବରଣ କରିବା ସହିତ ନିର୍ଦ୍ଦିଷ୍ଟ ବର୍ଗଙ୍କ ଦ୍ୱାରା ଶାରୀରିକ ଓ ମାନସିକ ଉତ୍ପୀଡନର ଶିକାର ହୋଇଥିଲେ। ବିଧବା ବାଳିକା ଗର୍ଭବତୀ ହେବାର ପରମ୍ପରା ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ପୀଡ଼ିତାମାନଙ୍କର ସେବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସେହି ସମାଜ ସଂସ୍କାରିକାଙ୍କ ଉପରେ ଆଧାରିତ ନାଟକ 'ସାବିତ୍ରୀବାଈ ଫୁଲେ'। ବୁଧବାର ଇଣ୍ଟରନ୍ୟାଶନାଲ ଥିଏଟର (ଇଟ୍) ପକ୍ଷରୁ 'ସୁବର୍ଣ୍ଣ ଜୟନ୍ତୀ ଜାତୀୟ ନାଟ୍ୟ ପର୍ବ' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନାଟ୍ୟକାର ଡ. ସଂଘମିତ୍ରା କର, ନାଟ୍ୟବିତ୍ ମାୟା ଦାସ ଏବଂ ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ ପରିଜା ଉପସ୍ଥିତ ଥିଲେ। 'ସାବିତ୍ରୀବାଈ ଫୁଲେ' ନାଟକକୁ ସୁଷମା ଦେଶପାଣ୍ଡେ ରଚନା କରିଥିବାବେଳେ ଶୁଭେନ୍ଦୁ ଭଣ୍ଡାରୀ ନିର୍ଦ୍ଦେଶନା ଦେଇଥିଲେ ଏବଂ ଋତୁପର୍ଣ୍ଣା ବିଶ୍ୱାସ ଅଭିନୟ କରିଥିଲେ। ଏହି ଅବସରରେ ଅଭିନେତ୍ରୀ ମମତା ମହାନ୍ତିଙ୍କୁ 'ଇଟ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଜାତା ପ୍ରିୟମ୍ବଦା ସଞ୍ଚାଳନ କରିଥିଲେ।

# ଅଳଙ୍କାର ଚୋରିକରି ଘରୋଇ ସହାୟିକା ଗିରଫ

**୮ବର୍ଷ କାମ କରି ବିଶ୍ୱାସରେ ବିଷ**

ଭୁବନେଶ୍ୱର,୪।୧୨(ସତ୍ୟଜିତ୍ ରାଉତ)


ଜବତ ଅଳଙ୍କାର ଏବଂ ଗିରଫ ଅଭିଯୁକ୍ତ ପୁଷ୍ପା ବେହେରା।

୮ବର୍ଷ ହେଲା ଘରୋଇ ସହାୟିକା ଭାବେ କାମ କରୁଥିଲେ। ମାଲିକ ତାଙ୍କୁ ନିଜ ପରିବାରର ସଦସ୍ୟ ଭାବେ ସମସ୍ତ ସହାୟତା ଯୋଗାଇ ଦେଉଥିଲେ। ହେଲେ ଶେଷରେ ଘରୋଇ ସହାୟିକା ଜଣକ ମାଲିକଙ୍କ ବିଶ୍ୱାସରେ ବିଷ ଦେଲେ। ମାଲିକଙ୍କ ଗୋଦ୍‌ରେଜ୍ ଆଲମିରା ଲକର ଖୋଲି ସବୁ ସୁନା ଓ ହୀରା ଅଳଙ୍କାର ନେଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ବୁଧବାର ପାହାଳ ପୋଲିସ ସମ୍ପୃକ୍ତ ଘରୋଇ ସହାୟିକାଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନିରେ ରହୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ପୁଷ୍ପା ବେହେରା (୨୫)। ତାଙ୍କଠାରୁ ୧୨୯.୬୧ ଗ୍ରାମ୍‌ର ବିଭିନ୍ନ ସୁନା ଅଳଙ୍କାର ଓ ୨ଟି ହୀରାମୁଦି ଜବତ ହୋଇଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ପୁଷ୍ପାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ପାହାଳ ଥାନା ଅନ୍ତର୍ଗତ ହଂସପାଳ କେନାଲ ରୋଡ୍ ପ୍ଲଟ୍ ନଂ. ୧୭୦୦ରେ ଦେବଶ୍ରୀ ଦାସଙ୍କ ଘରେ ପୁଷ୍ପା ଘରୋଇ ସହାୟିକା ଭାବେ କାମ କରୁଥିଲେ। କିଛିଦିନ ତଳେ ଦେବଶ୍ରୀ ତାଙ୍କ ଲକର ଖୋଲିବାରୁ ଅଳଙ୍କାର ସବୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପୁଷ୍ପା ଚାବି ଖୋଲି ଏହି ଅଳଙ୍କାର ସବୁ ନେଇଯାଇଥିବା ଦେବଶ୍ରୀ ସନ୍ଦେହ କରିଥିଲେ। ଏ ନେଇ ସେ ଡିସେମ୍ବର ୧ରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୫୦୪/୨୦୨୪) ରୁଜୁକରି ତଦନ୍ତ କରିଥିଲା। ପୋଲିସ ଜେରା ବେଳେ ପୁଷ୍ପା ସତ ମାନିଯାଇଥିଲେ।

## ପ୍ରତ୍ୟେକ ପତ୍ରିକା ପାଇଁ ପାଠକ ହେଉଛନ୍ତି ଶ୍ରେଷ୍ଠ ପରାମର୍ଶଦାତା

ଭୁବନେଶ୍ୱର,୪।୧୨(ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ବିଚାରଧାରା ଆଧାରିତ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପଞ୍ଚଜନ୍ୟ ତରଫରୁ ବୁଧବାର ୟୁନିଟ୍-୬ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବର କୁଟୁମ୍ବ ପ୍ରବୋଧନ ପ୍ରାନ୍ତ ପ୍ରମୁଖ ବୈକୁଣ୍ଠନାଥ ସାହୁ ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରଦୀପର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପ୍ରତ୍ୟେକ ପତ୍ରିକା ପାଇଁ ପାଠକ ହେଉଛନ୍ତି ଶ୍ରେଷ୍ଠ ପରାମର୍ଶଦାତା। ତେଣୁ ପାଠକମାନଙ୍କ ସହ ମତ ବିନିମୟ ପାଇଁ ଏହି ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ବୋଲି ଅତିଥି ଦ୍ୱୟ କହିଥିଲେ। ଅନେକ ପାଠକ ଏହି ସମ୍ମିଳନୀରେ ଉପସ୍ଥିତ ରହି ନିଜର ଅନୁଭୂତି ସହ ଗଠନମୂଳକ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନଦୁର୍ଗା ସଂସ୍କାର କେନ୍ଦ୍ରର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ବନ୍ଦେମାତରମ୍ ଗାନ କରିଥିଲେ। ବିଜୟକେତନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୀଳମଣି ମହାପାତ୍ର ପାଠକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ।


ସ୍ଥାୟୀ ନିଯୁକ୍ତି ଓ ସର୍ବନିମ୍ନ ମଜୁରି ପ୍ରଦାନ ସମେତ ୧୪ ଦଫା ଦାବିରେ ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

# 'ସୁସ୍ଥ ସମାଜ ଗଠନରେ ଲିଙ୍ଗଗତ ହିଂସା ବାଧକ ସାଜିଛି'

ଭୁବନେଶ୍ୱର,୪।୧୨(ସୁଚିସ୍ମିତା ସାହୁ)


ଆଲୋଚନାଚକ୍ରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଶାନ୍ତା ମେମୋରିଆଲ ରିହାବିଲିଟେଶନ ଏବଂ ହାଣ୍ଡିକ୍ୟାପ ଇଣ୍ଟରନ୍ୟାଶନାଲର ମିଳିତ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ 'ଲିଙ୍ଗଗତ ହିଂସା ଏବଂ ଅକ୍ଷମତା: ଯୁବପିଢ଼ିଙ୍କ ମଧ୍ୟରେ କାର୍ଯ୍ୟପନ୍ଥା' ଶୀର୍ଷକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏସ୍‌ଏମ୍‌ଆର୍‌ସି କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଫେସର ଆଶା ହଂସ ଯୋଗଦେଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଲିଙ୍ଗଗତ ହିଂସା ବାଧକ ସାଜିଛି ବୋଲି ମତବ୍ୟକ୍ତ କରିଛନ୍ତି। ଲିଙ୍ଗଗତ ହିଂସାର ଶିକାର କେବଳ ମହିଳା ନୁହନ୍ତି, ପୁରୁଷମାନେ ମଧ୍ୟ ହୋଇଥାନ୍ତି। ଲିଙ୍ଗଗତ ହିଂସାକୁ ପ୍ରତିହତ କରିବା ପାଇଁ କଠୋର ଆଇନ ପ୍ରଣୟନ ଓ ଦୋଷୀଙ୍କୁ ଦଣ୍ଡବିଧାନ ପ୍ରାବଧାନ ରଖିବା ସହ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉଚିତ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ପ୍ରଜ୍ଞା ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ପ୍ରଫେସର ସ୍ୱର୍ଣ୍ଣ ରାଜଗୋପାଳନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଯେକୌଣସି କ୍ଷେତ୍ରରେ ଲିଙ୍ଗଗତ ହିଂସା ହୋଇପାରେ। ଲିଙ୍ଗଗତ ହିଂସାର ଶିକାର ହେଉଥିବା ବ୍ୟକ୍ତିଙ୍କୁ ଉଭୟ ଶାରୀରିକ ଓ ମାନସିକ କ୍ଷତି ପହଞ୍ଚାଇବା ସହ ଜୀବନର ପରିଭାଷାକୁ ବଦଳାଇ ଦେଇଥାଏ। ଲୋକଲଜ୍ଜାକୁ ଭ୍ରୂକ୍ଷେପ ନ କରି ଏହା ବିରୋଧରେ ସ୍ୱର ଉଠାଇବା ଦରକାର ବୋଲି ସେ ମତ ଦେଇଥିଲେ। ସନ୍‌ସ୍ରିଷ୍ଟି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଶାରୀରିକ ଅକ୍ଷମତାକୁ ସମାଜ ଆଗରେ ପ୍ରଦର୍ଶନ ନ କରି ନିଜର ଅନ୍ତର୍ନିହିତ ବ୍ୟକ୍ତିତ୍ୱର ବିକାଶକୁ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ଲୋକ ପ୍ରଶାସନ ବିଭାଗ ମୁଖ୍ୟ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ସଂଯୋଜିକା ଡ. ପ୍ରତିମା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସହକାରୀ ପ୍ରଫେସର ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଭାଜପାର ଜିଲାସ୍ତରୀୟ ସାଙ୍ଗଠନିକ କର୍ମଶାଳା

**ଚୌଦ୍ୱାର,୪।୧୨(ଆଶୁତୋଷ ଦାସ)**

ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନହଲ୍‌ରେ ଭାଜପା କଟକ ଜିଲା ସଙ୍ଗଠନର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରାମ ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଡା. ଯତୀନ୍ ମହାନ୍ତି ଓ ଜିଲା ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ଯୋଗଦେଇ ମଣ୍ଡଳରେ ବୁଥ୍ କମିଟି ସଭାପତି ନିର୍ବାଚନ ଶୀଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମଣ୍ଡଳ ସଭାପତି ନିର୍ବାଚନ ଓ ରାଜ୍ୟସ୍ତରୀୟ କମିଟି ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପୂର୍ବତନ ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ହୃଷୀକେଶ ଜେନା, ସୁକାନ୍ତ ବିଶ୍ୱାଳ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅଭୟ ବାରିକ, ବ୍ରଜେନ୍ଦ୍ର ରାୟ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ବିଭୁଦତ୍ତ ପଟ୍ଟନାୟକ, ଆଲୋକ ମହାନ୍ତି, ନଳିନୀ ରାୟ, ଅଜିତ୍ ସୁବୁଦ୍ଧିରାୟ, ସନ୍ତୋଷ ସାହୁ, ରଶ୍ମିରଞ୍ଜନ ପ୍ରଧାନ, ମମତା ବେହେରା ସହଯୋଗ କରିଥିଲେ। ସତ୍ୟବାଦୀ ଚଇନି ଧନ୍ୟବାଦ ଦେଇଥିଲେ।

# 'ପ୍ରଶାସନ ପୋଷ୍ୟ ସନ୍ତାନଙ୍କୁ ସହାୟତା ଯୋଗାଉଛି'



କର୍ମଶାଳାରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବକ୍ତବ୍ୟ ଦେଉଛନ୍ତି।

**କଟକ,୪।୧୨ (କାର୍ତ୍ତିକ ସାହୁ)**

## ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ

ପରିବାର ପାଇଁ ସନ୍ତାନଟିଏ ଯେପରି ଆବଶ୍ୟକ, ସନ୍ତାନ ପାଇଁ ମଧ୍ୟ ପରିବାରଟିଏ ସେଭଳି ଅପରିହାର୍ଯ୍ୟ। ଦୁନିଆରେ ଏଭଳି ଦମ୍ପତି ଅଛନ୍ତି, ଯେଉଁମାନେ ସନ୍ତାନର ସୁଖ ପାଇପାରିନାହାନ୍ତି ଏବଂ ଏଭଳି ସନ୍ତାନସନ୍ତତି ଅଛନ୍ତି, ଯେଉଁମାନଙ୍କୁ ପରିବାରଟିଏ ମିଳିପାରୁନାହିଁ। ନିଃସନ୍ତାନ ଦମ୍ପତି ହୁଅନ୍ତୁ କିମ୍ବା ସ୍ୱେଚ୍ଛାକୃତ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ଉପଲକ୍ଷେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ ନ୍ୟାୟିକ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ। ମହତ୍ ଉଦ୍ଦେଶ୍ୟ ରଖି ସମାଜର ସବୁବର୍ଗର ଲୋକେ ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତୁ। ଆର୍ଥିକ ଅନଗ୍ରସର ପିଲାମାନେ କୌଣସି କାରଣରୁ ପାଠପଢ଼ାରୁ ବ୍ୟାହତ ନ ହୁଅନ୍ତି, ସେଥିପ୍ରତି ସେମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଯଦି କୌଣସି ପିଲାର ପାରିବାରିକ କଳହ କାରଣରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି, ତେବେ ସେ ବାଳାଶ୍ରମରେ ରହି ପାଠ ପଢ଼ିପାରିବ। ପୋଷ୍ୟ ସନ୍ତାନ ଗ୍ରହଣ ମାଧ୍ୟମରେ କିଭଳି ଅଧିକରୁ ଅଧିକ ବଡ଼ ପିଲା ପରିବାରରେ ପ୍ରତିପାଳିତ ହୋଇପାରିବ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ଜିଲାପାଳ କହିଛନ୍ତି। ପ୍ରତିପାଳନ ବ୍ୟବସ୍ଥାରେ ପିଲାଙ୍କୁ ଥଇଥାନ କରାଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ସମସ୍ତେ କରିବା ହେଉଛି ଚଳିତ ବର୍ଷର ପ୍ରସଙ୍ଗ। ଏଣୁ ଅଧିକରୁ ଅଧିକ ଜନସାଧାରଣ ଏହି ବ୍ୟବସ୍ଥାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

ଏହି କର୍ମଶାଳାରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଓ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆଗ୍ରହୀ ଥିବା କେତେଜଣ ଦମ୍ପତି ଅଂଶଗ୍ରହଣ କରି ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ସମ୍ପର୍କିତ ଲିଫ୍‌ଲେଟ୍ ଉନ୍ମୋଚନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁଭବନର ନିର୍ଦ୍ଦେଶକ ଡା. ପ୍ରଭାକର ମିଶ୍ର, କଟକ ଶିଶୁ ମଙ୍ଗଳ ସମିତି ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ବିଭିନ୍ନ ଥାନାର ଆରକ୍ଷୀ ନିରୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ, ବାଳ ଅପରାଧ ନ୍ୟାୟିକ ପରିଷଦର ସଦସ୍ୟ, ଏସ୍‌ସିବି ମେଡିକାଲ କଲେଜ ଓ ବିଭିନ୍ନ ହସ୍ପିଟାଲର ପରିଚାଳକ, ଜିଲା ଶିଶୁ କଲ୍ୟାଣ ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସହରରେ ମଶା ଉପଦ୍ରବ ବଢୁଛି



ଭାଜପା ଯୁବମୋର୍ଚ୍ଚାର ସଦସ୍ୟମାନେ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେଉଛନ୍ତି।

**କଟକ,୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

## ନିରାକରଣ ପାଇଁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର

ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ପଡି ରହୁଛି। ଡ୍ରେନ୍ ସଫେଇ କରାଯାଉନାହିଁ। ଏପରି କି ଦୀର୍ଘଦିନ ଧରି ପାଣି ଜମିରହିବାରୁ ମଶାବଂଶ ବୃଦ୍ଧି ପାଉଛି। ଏଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସହରବାସୀ ଅତିଷ୍ଠ ହୋଇପଡିଲେଣି। ତୁରନ୍ତ ଏହାର ନିରାକରଣ ପାଇଁ ଭାଜପା ଯୁବମୋର୍ଚ୍ଚାର ସଦସ୍ୟ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ସଦସ୍ୟମାନେ କମିଶନର ପାତ୍ରଙ୍କୁ ଦାବିପତ୍ର ଦେଇଥିଲେ। ସହରରେ ମଶାତେଲ, ମଶାଧୂଆଁ ଦିନକୁ ଦୁଇଥର ଦିଆଯିବା ସହ ସମସ୍ତ ଡ୍ରେନ୍‌ର ସ୍ଲାବ୍ ଉଠାଇ ସମ୍ପୂର୍ଣ୍ଣ ସଫେଇ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରାଯିବା ନେଇ କମିଶନର ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଭାଜପା ଯୁବନେତା ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଯୁବନେତା ଜ୍ୟୋତିପ୍ରକାଶ ରାୟ, ସାମାଜିକ କର୍ମୀ ଶରତ ସାମଲ, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, କେଶବ କୁଣ୍ଟି, ରାମ ଛାପୋଲିଆ, ସୁଶାନ୍ତ ମହାରଣା, ତପନ ବେହେରା, ରାଜେଶ ମହାରଣା, ଯତୀନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋମାଂସ ଚାଲାଣ ରୋକିବା ଦାବିରେ ରାସ୍ତାରୋକୋ

**ମଙ୍ଗୁଳି–ଜଗତପୁର, ୪।୧୨(ମାନସ ସାମଲ)**

ଜଗତପୁର ଥାନା ଅଧୀନ ଖଇରା ପୋଲ ନିକଟରୁ ଗୋମାଂସ ବୋଝେଇ ଏକ କଣ୍ଟେନରକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଗୋ ଚାଲାଣ ସନ୍ଦେହରେ ଗୋସୁରକ୍ଷା କର୍ମୀ ଓ ସ୍ଥାନୀୟ ଲୋକେ ଉକ୍ତ କଣ୍ଟେନର (ନଂ. ଏପି୩୯ୟୁଏଚ୍–୧୬୫୯) ପିଛା କରିଥିଲେ। ଖଇରା ପୋଲ ନିକଟରେ ଗାଡ଼ିକୁ ଅଟକାଇବା ପରେ ଚାଳକ ଦୌଡି ପଳାଇ ଯାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଯାଞ୍ଚ କରିବାରୁ ୨୦ ଟନ୍‌ରୁ ଊର୍ଦ୍ଧ୍ୱ ଗୋମାଂସ ଥିବା ଦେଖିବାକୁ ମିଳିଥିଲା। ବୁଧବାର ସକାଳେ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ସୁରେଶ ପଣ୍ଡାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଗୋସୁରକ୍ଷା କର୍ମୀ ଥାନାରେ ଅଭିଯୋଗ କରିଥିଲେ। ପଦ୍ମପୁରରୁ କୋଲକାତାକୁ ଅଧିକାଂଶ ସମୟ ଗୋମାଂସ ଚାଲାଣ କରାଯାଉଛି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ରୋକିବା ଦାବିରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଗତପୁର ଥାନା ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଜୋନ୍–୧ ଏସିପି ଅରୁଣ କୁମାର ସ୍ୱାଇଁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ହଟିଥିଲା।



ଗୋମାଂସ ଚାଲାଣ ରୋକିବା ଦାବିରେ ରାସ୍ତାରୋକୋ କରାଯାଇଛି।

# ପ୍ରଫୁଲ୍ଲ ସଭାପତି, ଅଜୟ ସାଧାରଣ ସମ୍ପାଦକ



କଟକ ଜିଲା ସାମ୍ବାଦିକ ସଂଘର ମନୋନୀତ କର୍ମକର୍ତ୍ତା।

**କଟକ,୪।୧୨ (କାର୍ତ୍ତିକ ସାହୁ)**

## କଟକ ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ମନୋନୀତ

କଟକ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ସ୍ଥାନୀୟ ସର୍କିଟ ହାଉସଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦୁଇ ବର୍ଷ ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ପ୍ରଫୁଲ୍ଲ କୁମାର ମହାନ୍ତି, ଉପସଭାପତି ବିଭୂତି ଭୂଷଣ ଦାଶ ଓ ପ୍ରଫୁଲ୍ଲ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ସମ୍ପାଦକ ପ୍ରଦୀପ କୁମାର ପରିଜା ଓ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ଜଗନ୍ନାଥ ରାଉତ ମନୋନୀତ ହୋଇଛନ୍ତି। ସେହିପରି ଆଇନ ପରାମର୍ଶଦାତା ଭାବେ ଆଡ୍‌ଭୋକେଟ୍ ପ୍ରଶାନ୍ତ କୁମାର ରାଉତ ଓ ବିକ୍ରମ କେଶରୀ ବଳ, କଲ୍ୟାଣ ପାଣ୍ଠି ଅଧକ୍ଷ ଭାବେ କୈଳାସ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ଭାବେ ସରୋଜ କୁମାର ମଲ୍ଲିକ, ଜାତୀୟ ପରିଷଦ ସଦସ୍ୟ ଭାବେ ବିଭୂତି ଭୂଷଣ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ କାନନ ବିହାରୀ ନାୟକ ଓ ଜିଲା କାର୍ଯ୍ୟକାରିଣୀକୁ ୧୫ ଜଣ ସଭ୍ୟ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରତିକାନ୍ତ ପଟ୍ଟନାୟକ, ଅମିୟ କୁମାର ନାୟକ, ଆଶୁତୋଷ ଦାସ, ରାଧାମାଧବ ଦାସ, ପ୍ରଜ୍ଞା ପରମିତା ଆଚାର୍ଯ୍ୟ, ସତ୍ୟବ୍ରତ ଦାଶ, ବାବୁଲା ପାତ୍ର, ବିଭୂତି ଭୂଷଣ ଜେନା, ଚିତ୍ତରଞ୍ଜନ ବେହେରା, କାହ୍ନୁଚରଣ ବେହେରା, ବିଭୂତି ଭୂଷଣ ତରାଇ, ସୀତାନାଥ ସିଂହ, ନାରାୟଣ ସିହ୍ନା, ମନୋଜ ନାୟକ, ପୂଜାରାଣୀ ଦାସ ପ୍ରମୁଖ। ସେହିପରି ଉପଦେଷ୍ଟା ଭାବେ ନିମାଇଁ ଚରଣ ମହାନ୍ତି, ଶିବନାରାୟଣ ସିଂହ, ମହମ୍ମଦ ଜିଆଉଦ୍ଦିନ ସରାଫ ଓ ଡକ୍ଟର ରତ୍ନାକର ବାରିକଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ସଦସ୍ୟମାନେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଓୟୁଜେ ସଙ୍ଗଠନକୁ କଟକ ଜିଲାରେ ସୁଦୃଢ଼ କରିବା ପାଇଁ ମତପ୍ରକାଶ କରିଥିଲେ। ସଂଘର ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ଜେନା ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ବରିଷ୍ଠ ସଦସ୍ୟ ଧ୍ରୁବଚରଣ ବେହେରା ଧନ୍ୟବାଦ ଦେଇଥିଲେ।

# ତହସିଲଦାରଙ୍କ ଭୁଲ ରିପୋର୍ଟ ଉପରେ ତଦନ୍ତ କରିବେ ଉପଜିଲାପାଳ

**କଟକ ସଦର,୪।୧୨(ସୁଶାନ୍ତ କୁମାର ଜେନା)**

କଟକ ଜିଲା କିଶନ ନଗର ତହସିଲ ଅନ୍ତର୍ଗତ କେଶନଗର ମୌଜାର ଏକ ଗୋଚର ଜମିରେ ବେଆଇନ ଭାବେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଗ୍ୟାଲେରି ନିର୍ମାଣ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଛି। ରାଜସ୍ୱ ବିଭାଗର ବିନା ଅନୁମତିରେ ଏହା କରାଯାଇଥିବାରୁ ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ୨୦୨୩ ଡିସେମ୍ବରରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଏହି ରାୟ ପରିପ୍ରେକ୍ଷୀରେ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ ଏକ ଭୁଲ୍ ରିପୋର୍ଟ କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ପ୍ରଦାନ କରିଛନ୍ତି। ରିପୋର୍ଟ ଭୁଲ୍ ଥିବାରୁ ଏହା ଉପରେ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ସୁରେଶ କୁମାର ପଣ୍ଡା ବୁଧବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହା ଉପରେ ତଦନ୍ତ କରାଯିବ ବୋଲି ଉପଜିଲାପାଳ ରାୟ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ କେଶନଗର ମୌଜାର ଖାତା ନଂ. ୪୦୨, ପ୍ଲଟ୍ ନଂ. ୩୯ ମୋଟ ରକବା ୨ ଏକର ୨୩ ଡିସିମିଲ ଜମିରେ ବିଡିଓ ସ୍ଥାୟୀ ନିର୍ମାଣ କରିଛନ୍ତି। ଏଥିପାଇଁ ତତ୍କାଳୀନ ଜିଲାପାଳ ଅନୁମତି ଦେଇସାରିଛନ୍ତି ବୋଲି ତହସିଲଦାର ଦାସ ପତ୍ରସଂଖ୍ୟା ୩୨୩୧ / ୨୦।୧୧।୨୦୨୪ରେ ଉପଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ହେଲେ ଏହି ରିପୋର୍ଟ ଭୁଲ୍ ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। କଟକର ତତ୍କାଳୀନ ଜିଲାପାଳ ଭବାନୀ ଶଙ୍କର ଚୟନି ମାତ୍ର ୨୫ ଡିସିମିଲ ଗୋଚରକୁ ଅସଂରକ୍ଷିତ ବୋଲି ଘୋଷଣା କରିଛନ୍ତି। ହେଲେ ତହସିଲଦାର ତାଙ୍କ ରିପୋର୍ଟରେ ଏକଥା ସ୍ପଷ୍ଟ କରିନାହାନ୍ତି। ବର୍ତ୍ତମାନ ସମ୍ପୂର୍ଣ୍ଣ ଗୋଚର ଜମିକୁ ବାଡ଼ ବନ୍ଦୀ କରି ରଖାଯାଇଛି। ଏହି ବାଡ଼ କିଏ କରିଛି ସେ ସମ୍ପର୍କରେ ତହସିଲଦାର କିମ୍ବା ତାଙ୍କର କାର୍ଯ୍ୟାଳୟର କର୍ମଚାରୀ ଜାଣିନାହାନ୍ତି ବୋଲି ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ଗୋଚର ଜମିକୁ ଦଖଲ କରିବା ସମ୍ପର୍କରେ କିଶନ ନଗର ତହସିଲଦାର କହିପାରିବେ ବୋଲି କଟକ ସଦର ବ୍ଲକର ତତ୍କାଳୀନ ବିଡିଓ ରୁମାନା ଜାଫ୍ରି ପତ୍ରସଂଖ୍ୟା ୪୮୦୯ / ୧୨।୯।୨୦୨୪ରେ ଉପଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦାସ କହିଛନ୍ତି, ବ୍ୟସ୍ତତା ଯୋଗୁ ଫାଇଲ ନ ଦେଖି ତରବରିଆ ଭାବେ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛି।

# 'ଶାରୀରିକ ସୁସ୍ଥତା ପାଇଁ ଖେଳକୁଦ ଆବଶ୍ୟକ'

**କଟକ,୪।୧୨ (କାର୍ତ୍ତିକ ସାହୁ)**

## ଡ୍ରିମ୍‌ସ ଆଇଟିଆଇର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଡ୍ରିମ୍‌ସ ଆଇଟିଆଇର ତିନିଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। କବାଡିରେ ଇଲେକ୍ଟ୍ରିସିଆନ୍ ଦ୍ୱିତୀୟ ବର୍ଷ, ଭଲିବଲରେ ଇଲେକ୍ଟ୍ରିସିଆନ୍ ପ୍ରଥମ ବର୍ଷ ଏବଂ କ୍ରିକେଟ୍‌ରେ ଫିଟର ବିଭାଗ ପ୍ରଥମ ବର୍ଷ ଚାମ୍ପିୟନ୍ ହୋଇଛି। ଏଥିସହ ବ୍ୟାଡମିଣ୍ଟନ ଡବଲ୍ସରେ ଇଲେକ୍ଟ୍ରିସିଆନ୍ ୨ୟ ବର୍ଷର ବିକାଶ କୁମାର ମହାପାତ୍ର ଓ ଶାରଦା ପ୍ରସନ୍ନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଏତଦ୍‌ବ୍ୟତୀତ ଦୌଡ଼, ଲମ୍ଫ ଓ ଉଚ୍ଚ ଡିଆଁ, ଡିସ୍କସ୍ ଓ ଜ୍ୟାଭଲିନ୍ ଥ୍ରୋ, ଦୌଡ଼ିଟଣା ଆଦି କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିଯୋଗୀ ଭାଗ ନେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପ କୁଳସଚିବ ଇଂ. ଶିଶିର କୁମାର ସାହୁ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଶାରୀରିକ ସୁସ୍ଥତା ପାଇଁ ଖେଳକୁଦ ଆବଶ୍ୟକ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଇଂ. ପ୍ରଶାନ୍ତ କୁମାର ନାୟକ ବିବରଣୀ ପାଠ ଓ ପ୍ରଶିକ୍ଷକ କୃପାସିନ୍ଧୁ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆଇଟିଆଇର ସମସ୍ତ ପ୍ରଶିକ୍ଷକ, କର୍ମଚାରୀ ଏବଂ କ୍ରୀଡ଼ା ବିଭାଗର କୋଚ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।



ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳୀମାନେ।

# ଗୃହ ମଞ୍ଜୁର ପାଇଁ ନୂତନ ହିତାଧିକାରୀ ଚୟନ ଚିହ୍ନଟ ଟ୍ରେନିଂ

**ବାଙ୍କୀ, ୪।୧୨(ଶୁଭେନ୍ଦୁ ମହାପାତ୍ର):** ଗ୍ରାମାଞ୍ଚଳରେ ପ୍ରତ୍ୟେକ ଗରିବ, ଅସହାୟ, ଦିନ ମଜୁରିଆଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀଙ୍କୁ ଚୟନ ପଦ୍ଧତିକୁ କୋହଳ କରାଯାଇଛି। ଯୋଗ୍ୟତା ମାନଦଣ୍ଡ ଆଧାରରେ ଯୋଗ୍ୟ ବିବେଚିତ ପରିବାରକୁ ଚିହ୍ନଟ କରିବା ଏବଂ ଗୃହ ମଞ୍ଜୁର ଲକ୍ଷ୍ୟରେ ସରକାରଙ୍କ ନୂତନ ସର୍ଭେ ପ୍ରକ୍ରିୟା ବାଙ୍କୀରେ ଆରମ୍ଭ ହୋଇଛି। ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସର୍ଭେ କ୍ଷେତ୍ରରେ ପିଇଓ ମୌସମ କୁମାର ବିଶୋଇ ଉପସ୍ଥିତ ରହି ଆଶାୟୀ ପରିବାର ତଥା ହିତାଧିକାରୀମାନେ କିପରି ଅନ୍‌ଲାଇନ୍ ଜରିଆରେ ଆବେଦନ କରିବେ ଏବଂ ତାଲିକାଭୁକ୍ତ ହେବେ ଉପସ୍ଥିତ ଜନସାଧାରଣଙ୍କୁ ସେ ସମ୍ପର୍କରେ ଅବଗତ କରାଇଥିଲେ। ସରକାରୀ ନିୟମ ଅନୁଯାୟୀ, ଆବେଦନ ପ୍ରକ୍ରିୟା ଶେଷ ହେବା ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ନାମ ପଞ୍ଜୀକୃତ ହେବ। ସେମାନଙ୍କ ଏକ ତାଲିକା ପଞ୍ଚାୟତରେ ଉଲ୍ଲେଖ କରାଯିବ। ଯେଉଁ ହିତାଧିକାରୀ ଭୂମିହୀନ ହୋଇଥିବେ, ତେବେ ଆବାସ ମୋବାଇଲ ଆପରେ ଉଲ୍ଲେଖ କରିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ହିରଣ୍ମୟୀ ଦଳେଇ, ଏଡିଇଓ ରତ୍ନାକର ସାହୁ, ସାମାଜିକ କର୍ମୀ ଭ୍ରମରବର ଦଳେଇଙ୍କ ସମେତ ୱାର୍ଡସଭ୍ୟାସଭ୍ୟମାନେ ଯୋଗଦେଇଥିଲେ।

# ହଟୁନି ରହସ୍ୟ, ଭୋଟର ତାଲିକାରୁ କଟିଲା ନାମ

**ବାଙ୍କୀ,୪।୧୨(ଶୁଭେନ୍ଦୁ ମହାପାତ୍ର)**

## ବହୁ ଚର୍ଚ୍ଚିତ ଫେରି ବେପାରୀ ନନ୍ଦକିଶୋରଙ୍କ ନିଖୋଜକୁ ପୂରିଲା ୨ ବର୍ଷ



ନନ୍ଦକିଶୋର ବେହେରା



ସରସ୍ୱତୀ ବେହେରା

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଡମପଡା–ଚନ୍ଦକା ଅଭୟାରଣ୍ୟର ବହୁ ଚର୍ଚ୍ଚିତ ଫେରି ବେପାରୀ ନନ୍ଦକିଶୋର ବେହେରା(୭୮)ଙ୍କ ନିଖୋଜ ଘଟଣାକୁ ୨ବର୍ଷ ୨ମାସ ବିତିଥିଲେ ମଧ୍ୟ ରହସ୍ୟ ହଟୁନି। ନନ୍ଦ କିଶୋର ଜୀବିତ କି ମୃତ ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷେ ପୋଲିସ ପକ୍ଷରୁ ତାଙ୍କ ରହସ୍ୟ ଉନ୍ମୋଚନ ହୋଇ ପାରୁ ନ ଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନ ଦିଆଯାଇ ଗତ ବିଧାନସଭା ନିର୍ବାଚନରେ ଭୋଟର ତାଲିକାରୁ ତାଙ୍କ ନାମ ନ ଥିବାରୁ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ।

ସୂଚନାଯୋଗ୍ୟ ୨୦୨୨ ଅଗଷ୍ଟ ୨୮ରେ ଡମପଡା– ଚନ୍ଦକା ଅଭୟାରଣ୍ୟରେ ନନ୍ଦକିଶୋର ନିଖୋଜ ହୋଇଯାଇଥିଲେ। ତାଙ୍କ ନିଖୋଜ ଘଟଣାକୁ ନେଇ ପରିବାର ଲୋକେ ପ୍ରଥମେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ବନ ବିଭାଗ ପକ୍ଷରୁ ବ୍ୟାପକ ତଦନ୍ତ ମଧ୍ୟ କରାଯାଇଥିଲା। ଡମପଡା–ଚନ୍ଦକା ଅଭୟାରଣ୍ୟର ବେଙ୍ଗପାଣି ଘାଟି ଅଞ୍ଚଳର ଯେଉଁ ସ୍ଥାନରେ ତାଙ୍କ ଲୁଗାପଟା, ଚପଲ, ବ୍ୟବହାର କରୁଥିବା ଗାଡ଼ି, ଟଙ୍କା ଆଦି ପଡ଼ି ରହିଥିବା ଦେଖିବାକୁ ମିଳିଥିଲା, ଠିକ୍ ସେହି ସ୍ଥାନଠାରୁ ଅଳ୍ପ ଦୂରରେ ଏକ ଅଜଗର ସାପ ପେଟ ଫୁଲାଇ ପଡ଼ି ରହିଥିଲା। ତା' ପରେ ତାଙ୍କୁ ଅଜଗର ଗିଳି ଦେଇଛି ବୋଲି ଚର୍ଚ୍ଚା ଜୋର ଧରିଥିଲା। ପୋଲିସ, ବନ ବିଭାଗ ଓ ସ୍ନେକ ହେଲ୍ପ ଲାଇନ କର୍ମଚାରୀ ଅଜଗର ମଣିଷ ଗିଳି ନାହିଁ ବୋଲି ସ୍ପଷ୍ଟ କରିଥିଲେ। ପରେ ପରିବାର ଲୋକେ ଅଜଗରକୁ ସ୍କାନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ତାଙ୍କ ଅନୁରୋଧକୁ କେହି କର୍ଣ୍ଣପାତ ନ କରି ଘଟଣାର ଠିକ୍ ତଦନ୍ତ କରାଯିବ ବୋଲି ପୋଲିସ ପରିବାର ଲୋକଙ୍କୁ କୁହାଯାଇଥିଲା। ୨ଦିନ ପରେ ଘଟଣାସ୍ଥଳରୁ ସାପ ଚାଲିଯିବା ପରେ ସେଠାରେ ପଡି ରହିଥିବା ଅଜଗର ସାପର ମଳକୁ ପରୀକ୍ଷା କରିବା ପାଇଁ ନନ୍ଦ କିଶୋରଙ୍କ ପୁତୁରା ରମେଶ ଚନ୍ଦ୍ର ବେହେରା ପୋଲିସ, ବନ ବିଭାଗକୁ ଅନୁରୋଧ କରିଥିଲେ। କିନ୍ତୁ ଘଟଣାକୁ ଏଡ଼ାଇ ଦେବା ଲକ୍ଷ୍ୟରେ ପୋଲିସ ଓ ବନ ବିଭାଗ ପକ୍ଷରୁ ବିଭିନ୍ନ ଆଳ ଦେଖାଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା ବୋଲି ପୁତୁରା ରମେଶ କହିଛନ୍ତି। ନିଖୋଜର ୪ ମାସ ପରେ ଜଙ୍ଗଲ ଭିତରୁ ମଣିଷ ଖପୁରି, ହାଡ଼ ମିଳିବା ପରେ ପୋଲିସ ନନ୍ଦ କିଶୋରଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଏସବୁକୁ ବ୍ୟବଚ୍ଛେଦ ଲାଗି କଟକ ବଡ଼ ମେଡିକାଲକୁ ପଠାଇଥିଲା। ଏଥିସହ ଥାନାରେ ନଂ. ୧/୨୩ରେ ମାମଲା ରୁଜୁ କରିଥିଲା। ୨୦୨୩ ଜାନୁଆରୀରେ ନନ୍ଦ କିଶୋରଙ୍କ ପୁତୁରା ରମେଶଙ୍କ ଡିଏନ୍ଏ ଟେଷ୍ଟ ପାଇଁ ରକ୍ତ ନମୁନା ପଠାଯାଇଥିଲା। ତାହା ପରେ ତଦନ୍ତରେ ବିଳମ୍ବ ହେଉଥିବା ଲକ୍ଷ୍ୟ କରି କଟକ ଗ୍ରାମାଞ୍ଚଳ ଏସ୍‌ପି, କଟକ ଜିଲାପାଳ, ଡିଜିପି, ଜାତୀୟ ମାନବ ଅଧିକାର କମିଶନଙ୍କ ସମେତ ବିଭିନ୍ନ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀମାନଙ୍କୁ ଭେଟି ନନ୍ଦ କିଶୋରଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ପରେ ଘଟଣାର ଠିକ୍ ତଦନ୍ତ ପାଇଁ ଅଧିକାରୀମାନେ ନିର୍ଦ୍ଦେଶ ଜାରି କରିଥିଲେ। ଅଗଷ୍ଟ ୨୮ରେ ନନ୍ଦ କିଶୋର ନିଖୋଜ ହେବା ଦିନ ଗାଡ଼ିଆ ଶବରସାହି ଦେଇ ବେଙ୍ଗପାଣି ଘାଟି ରାସ୍ତାର ପିଠାଖିଆ ଆଦି ବିଭିନ୍ନ ପଡ଼ା ଗ୍ରାମକୁ ଯାଇ ଫେରି ବେପାର କରିଥିବା ଲୋକେ ଦେଖିଥିବା କହିଥିଲେ। ଏହା ଭିତର ନନ୍ଦ କିଶୋରଙ୍କ ନିଖୋଜ ଘଟଣାକୁ ୨ ବର୍ଷ ୩ ମାସ ବିତିବାକୁ ଯାଉଥିଲେ ମଧ୍ୟ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

ଅପରପକ୍ଷରେ ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡି ନ୍ୟାୟ ନ ପାଇବାରୁ ଲୋକଲଜ୍ଜା ଓ ବନ୍ଧୁବାନ୍ଧବଙ୍କ ଆଲୋଚନାକୁ ସହ୍ୟ କରି ନ ପାରି ବାଧ୍ୟ ବାଧକତାରେ ନନ୍ଦ କିଶୋର ଜୀବିତ କି ମୃତ ନ ଜାଣି ପରିବାର ଲୋକେ ଶୁଦ୍ଧି ହୋଇଥିଲେ। ଅନ୍ୟପକ୍ଷେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ତାଙ୍କ ସ୍ତ୍ରୀ ସରସ୍ୱତୀ। ନନ୍ଦ କିଶୋର ଜୀବିତ କି ମୃତ ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ କୁହା ଯାଇ ନାହିଁ। ହେଲେ ଗତ ବିଧାନସଭା ନିର୍ବାଚନ ଭୋଟର ତାଲିକାରୁ ନନ୍ଦ କିଶୋରଙ୍କ ନାମ ବାଦ୍ ପଡ଼ିଥିବା ଦେଖି ପରିବାର ଲୋକେ ଆଚମ୍ବିତ ହୋଇପାଡିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ଶିବ ଚରଣ ବେହେରାଙ୍କୁ ପଚାରିବାରୁ ପଠା ଯାଇଥିବା ଡିଏନ୍ଏ ରିପୋର୍ଟ ହସ୍ତଗତ ହୋଇନାହିଁ। କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ସହ ଏ ନେଇ ଆଲୋଚନା କରି ରିପୋର୍ଟ ସଂଗ୍ରହ କରାଯିବା ପରେ ସତ୍ୟତା ଜଣାପଡ଼ିବ। ନନ୍ଦ କିଶୋରଙ୍କ ଭୋଟର ତାଲିକାରୁ ନାମ ବାଦ୍ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ ଏଭଳି ଘଟଣା ସମ୍ପର୍କରେ ଅବଗତ ନାହିଁ। ଏହାର ତଦନ୍ତ କରାଯିବା ପରେ ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି। ଏହି ଘଟଣାର ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଭେଟି ଅଭିଯୋଗ କରିବେ ବୋଲି ନିଖୋଜ ନନ୍ଦ କିଶୋରଙ୍କ ସ୍ତ୍ରୀ ସରସ୍ୱତୀ ଓ ପୁତୁରା ରମେଶ କହିଛନ୍ତି।

## ସଂକ୍ଷେପରେ

### ୨ ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଜେଲ

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ ବୁଧବାର ଏକ ଗଞ୍ଜେଇ ମାମଲାର ଶୁଣାଣିକରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜେଇ ବ୍ୟବସାୟୀ ଶ୍ରୀଧର ପାତ୍ର ଏବଂ ସୁଜୟ ମଲ୍ଲିକ। ଏମାନଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ପ୍ରକାଶ ଯେ, ୨୦୨୨ ଅଗଷ୍ଟ ୪ରେ ଖୋର୍ଦ୍ଧା ଅବକାରୀ ପୋଲିସ ଉଭୟ ଅଭିଯୁକ୍ତଙ୍କଠାରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଗିରଫ କରି କୋର୍ଟଚାଲାଣ କରିଥିଲା। ବୁଧବାର ଏହି ମାମଲା ବିଚାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି।

### ଦୁର୍ଘଟଣା: ସାଇକେଲ ଆରୋହୀ ମୃତ

ଜଟଣୀ,୪।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ବଜାର ନିକଟ ଲୋକକଲୋନୀ ଛକଠାରେ ହାଇଡ୍ରା କ୍ରେନ୍ ସଂଘର୍ଷରେ ଆସିବାରୁ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଗୋଡିପୁଟମାଟିଆପଡା ହରିପୁର ଗ୍ରାମର ରବି ଘଡେଇ। ଏନେଇ ଅଭିଯୋଗ ପରେ ଜଟଣୀ ଥାନା ପୋଲିସ ଏକ ମାମଲା (ନଂ.୪୯୧/୨୪)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରବି ସାଇକେଲରେ ଜଟଣୀ ବଜାରରୁ ଘରକୁ ଫେରୁଥିବା ବେଳେ ହାଇଡ୍ରା କ୍ରେନ୍ ସଂଘର୍ଷରେ ଆସିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଜଟଣୀ ପୋଲିସ ଏବଂ ରେଲୱେ ସୁରକ୍ଷା ବଳ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ ସରପଞ୍ଚ ତ୍ରିନାଥଙ୍କ ପରଲୋକ

ଟାଙ୍ଗୀ/ନିରାକାରପୁର,୪।୧୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରାଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ତାଙ୍କର ରାଜନୈତିକ ଜୀବନ ୱାର୍ଡମେମ୍ବରରୁ ଆରମ୍ଭ କରି ସମିତିସଭ୍ୟ ଏବଂ ସରପଞ୍ଚ ଭାବେ ନିର୍ବାଚିତ ହୋଇ ସମସ୍ୟା ସମାଧାନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ସକ୍ରିୟ ଅଂଶଗ୍ରହଣ କରୁଥିଲେ। କିଛିଦିନ ପୂର୍ବରୁ ଭୂଷଣ୍ଡପୁରରେ ଆୟୋଜିତ ଶ୍ରୀଜଗନ୍ନାଥ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଭୂଷଣ୍ଡପୁର ଏବଂ ବାଲିପାଟପୁର ପଞ୍ଚାୟତର ବହୁ ଜନସାଧାରଣ ତାଙ୍କ ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ସୁମନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସାମାଜିକକର୍ମୀ ଗୋଲକ ବିହାରୀ ପଟ୍ଟନାୟକ, ବୀରଞ୍ଚି ନାରାୟଣ ପ୍ରଧାନ, ରବୀନ୍ଦ୍ର କୁମାର ସାମନ୍ତରାୟ, ଦେବେନ୍ଦ୍ର ବେହେରା, ଭୀମସେନ ବେହେରା, ଅଜୟ ବେହେରା, ଧୀରେନ୍ଦ୍ର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଶୌଚାଳୟରେ ତାଲା, ଲୋକେ ହଇରାଣ

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)

## ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ



ତାଲା ପଡିଥିବା ଶୌଚାଳୟ।

ଖୋର୍ଦ୍ଧା ପୌର ପ୍ରଶାସନର ସ୍ୱଚ୍ଛତା ଅଭିଯାନ ପ୍ରହସନ ପାଲଟିଛି। ସ୍ୱଚ୍ଛତା ଆଳରେ ଠିକାସଂସ୍ଥାକୁ ପୋଷାଯାଉଛି। ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ ଚାଲିଥିବା ବେଳେ ସହରରେ ପରିସ୍ରାଗାର, ଶୌଚାଳୟ ସ୍ୱାଭାବିକ ହୋଇପାରୁନି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାପାଳଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଛନ୍ତି ଜନଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର। ଏକାଧିକଥର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଜିଲା ଏବଂ ପୌର ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ମହାପାତ୍ର କହିଛନ୍ତି।

ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ୱାର୍ଡ, ଜଳଗହଳି ସ୍ଥାନରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ପରିସ୍ରାଗାର(ଲୁ)ରେ ଉଦ୍‌ଘାଟନ ପରଠୁ ତାଲା ଝୁଲୁଛି। ପରିସ୍ରାଗାରକୁ ପାଣି ସଂଯୋଗ କରାଯାଇନାହିଁ। ଫଳରେ ଏହା ବ୍ୟବହାରଯୋଗ୍ୟ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଗତ ଅଗଷ୍ଟ ୩୧ରେ ଉପନିବନ୍ଧକ କାର୍ଯ୍ୟାଳୟ ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗଙ୍କ ପାଇଁ ନିର୍ମିତ ଶୌଚାଳୟ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟନ ହୋଇ ଫଳକ ଲାଗିଥିବା ବେଳେ ସେଥିରେ ମଧ୍ୟ ତାଲା ଝୁଲୁଛି। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ଆଦର୍ଶ ଶୌଚାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏହି କାର୍ଯ୍ୟାଳୟ ପରିସର ମୁକ୍ତ ପରିସ୍ରାଗାର ପାଲଟିଛି। ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ନୟାଗଡ଼, ଭୁବନେଶ୍ୱର, ଜଟଣୀ ଏବଂ ଆଖପାଖ ଅଞ୍ଚଳକୁ ଯିବା ପାଇଁ ଲୋକେ ଅପେକ୍ଷା କରି ରହୁଛନ୍ତି। ଯାତ୍ରୀଙ୍କ ଲାଗି ଉଦ୍ଦିଷ୍ଟ ଶୌଚାଳୟ ଅବସ୍ଥା ନ କହିବା ଭଲ। ସେହିପରି ପେଟ୍ରୋଲ ପମ୍ପ ନିକଟରେ ଥିବା ଶୌଚାଳୟ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଏହାକୁ ନିୟମିତ ଏବଂ ଠିକ୍ ସମୟରେ ଖୋଲାଯାଉ ନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏସ୍‌ବିଆଇ ଛକରେ ପୁରୁଷ ମହିଳା ପରିସ୍ରାଗାର, ଡାକବଙ୍ଗଳା ନିକଟରେ ପରିସ୍ରାଗାର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପରିସ୍ରାଗାରରେ ତାଲା ଝୁଲୁଛି। କିଛି ସ୍ଥାନରେ ଏହା ସ୍ଥାନୀୟ ବ୍ୟବସାୟୀଙ୍କ କବ୍‌ଜାରେ ରହିଥିବା ଜଣାପଡିଛି। ସହରରେ ଦୁଇଟି ପାର୍କ ରହିଥିବା ବେଳେ ପରିସ୍ରାଗାର ବ୍ୟବସ୍ଥା ନାହିଁ। ଭାଲିଆବାଡ଼ି ଭେଣ୍ଡିଂ ଜୋନ୍‌ରେ ପରିସ୍ରାଗାର ନିର୍ମାଣ ହୋଇଛି। ହେଲେ ପାଣି ନ ଥିବାରୁ ତାହ ପରିତ୍ୟକ୍ତ ହୋଇ ପଡ଼ିଛି। ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିବା ସମସ୍ତ ପରିସ୍ରାଗାର ସମାନ ସ୍ଥିତି ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ରିଜ୍ୱାନା କଅକବ କହିଛନ୍ତି। ଜନଜାଗରଣ ପରିବାର ଆବାହକ ମହାପାତ୍ର କୁହନ୍ତି, ଖୋର୍ଦ୍ଧା ସହରର ଡ୍ରେନ୍, ପରିମଳ ବିପର୍ଯ୍ୟସ୍ତ ହୋଇପଡିଛି। ସହରର ବିକାଶ, ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦିଆଯାଉଛି ବୋଲି ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଉଛି, ବାସ୍ତବରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇପାରୁନି ପୌର ପ୍ରଶାସନ। ଶୌଚାଳୟ ନ ଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିସ୍ରାଗାର ନିର୍ମାଣ କରାଯାଇଥିବା ବେଳେ ଉଦ୍‌ଘାଟନ ପରଠାରୁ ସେଥିରେ ତାଲା ଝୁଲୁଛି। ଫଳରେ ଲୋକମାନେ ହଇରାଣ ହେଉଛନ୍ତି।

# ବିଜ୍ଞାନମେଳାରେ ୧୦୫ ପ୍ରକଳ୍ପ




ବାଲୁଗାଁ,୪।୧୨(ସଂଗ୍ରାମ ପାଇକରାୟ)

ଚିଲିକା ବ୍ଲକ୍ ଅନ୍ତର୍ଗତ ଭେଙ୍କଟେଶ୍ୱର ବିଦ୍ୟାଳୟରେ ବୁଧବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ବାଲୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧିନା ମଞ୍ଜରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଲାଇଡ଼ିହ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ପତି, ଗୋଦାବରୀଶ ମହାବିଦ୍ୟାଳୟ ବାଣପୁରର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନ ଏବଂ ପଦାର୍ଥ ବିଜ୍ଞାନ ବିଭାଗୀୟ ଅଧ୍ୟାପକ ଜୟନ୍ତ କୁମାର ରଥ ଉପସ୍ଥିତ ଥିଲେ। ଏହି ବିଜ୍ଞାନମେଳାରେ ମୋଟ୍ ୧୦୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନବମ ଶ୍ରେଣୀ ଛାତ୍ରୀ ଆରୁଶୀ ପ୍ରଜ୍ଞା ଲେଙ୍କା ପ୍ରଥମ, ସପ୍ତମ ଶ୍ରେଣୀ ଛାତ୍ରୀ ସ୍ଥିତି ପ୍ରଜ୍ଞା ପ୍ରଧାନ ଏବଂ ଦିବ୍ୟାସ୍ମିତା ନାୟକ ଦ୍ୱିତୀୟ, ସ୍ମୃତିସ୍ମିତା ପଣ୍ଡା ଏବଂ ଶୁଶ୍ରୀ ସୁହାଶିଂ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ରଞ୍ଜିତ କୁମାର ପ୍ରଧାନ ଏବଂ ସମ୍ପାଦିକା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ପ୍ରକଳ୍ପ ପ୍ରସ୍ତୁତକାରୀ ସମସ୍ତ ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ମୁଖ୍ୟ ଅତିଥି କୃତଜ୍ଞତା ଜଣାଇଥିଲେ। ଏହି ବିଜ୍ଞାନମେଳାକୁ ବିଦ୍ୟାଳୟର ପ୍ରିନ୍ସିପାଲ୍ ରାମଚନ୍ଦ୍ର ସାସମଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ବିଜେବି ହାଇସ୍କୁଲରେ ନୌସେନା ଦିବସ

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ପକ୍ଷରୁ ନୌସେନା ଦିବସ ବୁଧବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଅଧ୍ୟକ୍ଷତା କରି ଭାରତୀୟ ନୌସେନାର ପରାକ୍ରମ, ବୀରତ୍ୱ ବିଷୟରେ କହିଥିଲେ। ଭାରତୀୟ ନୌସେନା ଭାରତର ଏକ ଶକ୍ତିଶାଳୀ ସଶସ୍ତ୍ର ବାହିନୀ, ଯାହା ସାମୁଦ୍ରିକ ସୁରକ୍ଷା, ଜାତୀୟ ନିରାପତ୍ତା ପାଇଁ କାମ କରିଥାଏ। ଏନ୍‌ସିସି ଅଫିସର ବିଭୁପ୍ରସାଦ ସେନାପତି କହିଥିଲେ, ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ନୌସେନାର ପ୍ରମୁଖ ଭୂମିକା ରହିଥିଲା। ଏହି ଯୁଦ୍ଧରେ ଅଦମ୍ୟ ସାହସ ଦେଖାଇଥିଲା ନୌସେନା। ପ୍ରତିବର୍ଷ ଡିସେମ୍ବର ୪ରେ ଭାରତୀୟ ନୌସେନା ଦିବସ ପାଳନ କରାଯାଇଥାଏ। ନୌସେନାକୁ ସମ୍ମାନ ଜଣାଇବା, ସେମାନଙ୍କ ଅବଦାନକୁ ସ୍ମରଣ ପାଇଁ ଏହି ଦିବସ ପାଳନର ଲକ୍ଷ୍ୟ। ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୬୨୧ ମସିହାରେ ନୌସେନା ପ୍ରତିଷ୍ଠା କରିଥିବା ବେଳେ ସ୍ୱାଧୀନୋତ୍ତର ଭାରତରେ ୧୯୫୦ରେ ଏହା ପୁଣି ଗଠନ କରାଗଲା। ଏହାର ନାଁ ଇଣ୍ଡିଆନ ନାଭି ବା ଭାରତୀୟ ନୌସେନା ହୋଇଥିଲା। ଚଳିତବର୍ଷ ପୁରୀ ବେଳାଭୂମିରେ ଭାରତୀୟ ନୌସେନା ଦିବସ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିଥିଲେ। ନୌସେନା ବୀରମାନେ ବିଭିନ୍ନ ରଣକୌଶଳ ଦେଖାଇଥିଲେ। ଏହି ଦିବସ ଭାରତ ପାଇଁ ଏକ ଗୌରବର ଦିନ ବୋଲି ସେନାପତି କହିଥିଲେ। ଆଗାମୀ ଦିନରେ ଭାରତୀୟ ନୌସେନାରେ ଯୋଗଦେଇ ନିଜ ବୀରତ୍ୱର ପରାକାଷ୍ଠା ଦେଖାଇବା ପାଇଁ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଆହ୍ୱାନ ଦେଇଥିଲେ। ଏନ୍‌ସିସି କ୍ୟାଡେଟ୍‌ମାନେ ଏହି ଦିବସ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### କଳେଇ ଗଦାରେ ନିଆଁ ଲଗାଇଦେବା ଅଭିଯୋଗ

ବୋଲଗଡ଼/ ବେଗୁନିଆ, ୪।୧୨
(ଦେବବ୍ରତ ହୋତା/ ସନ୍ଧ୍ୟାରାଣୀ ମିଶ୍ର)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅଧୀନ ତାଳତୁମ୍ବ ଗ୍ରାମର ପଞ୍ଚାନନ ନାୟକଙ୍କ ଗଦାମରା ହୋଇଥିବା ପ୍ରାୟ ୨୦୦ବିଡ଼ା ଧାନ କଳେଇକୁ କେହି ଦୁର୍ବୃତ୍ତ ମଙ୍ଗଳବାର ରାତିରେ ନିଆଁ ଲଗାଇ ଦେଇଥିବା ନେଇ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ୫୦ହଜାର ଟଙ୍କାର ଧାନ ପୋଡିଯାଇଥିବା ଅନୁମାନ କରାଯାଉଛି। ଅଭିଯୋଗ ମୁତାବକ, ପଞ୍ଚାନନ ୨ଏକର ଜମିର ଧାନ କାଟି ଖଳାରେ ରଖିଥିଲେ। ତେବେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ ବିଭାଗ ଅଧିକାରୀ ସତ୍ୟରଞ୍ଜନ ସ୍ୱାଇଁଙ୍କ ସମେତ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପଞ୍ଚାନନଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ତହସିଲଦାର ନିବେଦିତା ପରିଡ଼ା କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ କରି ପଦକ୍ଷେପ ନିଆଯିବ।

# ଡିସେମ୍ବର ୨୨ରୁ କଣ୍ଟାବାଡ଼ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବେଗୁନିଆ,୪।୧୨(ସନ୍ଧ୍ୟାରାଣୀ ମିଶ୍ର)

ଡିସେମ୍ବର ୨୨ତାରିଖରୁ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଣ୍ଟାବାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ସଭାପତି ମାନସ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆସୋସିଏଶନର କର୍ମକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ବୈଠକରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ପ୍ରଭାତ କୁମାର ପଣ୍ଡା, ଶ୍ରୀକାନ୍ତ ବାହିନୀପତି, ସୁନୀଲ କୁମାର ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ଓଝା, ଦୀପକ ରଞ୍ଜନ ଦାଶ, ସଞ୍ଜୟ କୁମାର ପାଣିଗ୍ରାହୀ, କାଳନ୍ଦୀ ଜେନା, ଦିଲୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ରାଇଜିଂଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ, ସ୍ମାର୍ଟ କ୍ରିକେଟ କ୍ଲବ କିଆଝର, ଭାଲିଆବାଡ଼ି ସ୍ପୋର୍ଟ୍ସ ଆସୋସିଏଶନ ଖୋର୍ଦ୍ଧା, ଏସ୍‌ପି ଇଲେଭେନ ସୋର, କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା, ଲାଏନ୍ସ କ୍ରିକେଟ କ୍ଲବ ଡମଣଗାଡ଼ିଆ ବଡମ୍ବା, ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ଏବଂ ୱେଭଷ୍ଟର୍ମ କେନ୍ଦୁଝର ଟିମ୍ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ କିଆଝର ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ଖେଳାଯିବ। ଫାଇନାଲ ମ୍ୟାଚ ୩୧ତାରିଖରେ ଅନୁଷ୍ଠିତ ହେବ। ଚାମ୍ପିୟନ ଟିମ୍‌କୁ ପଦ୍ମଚରଣ ପାଣିଗ୍ରାହୀ ମେମୋରିଆଲ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସଅପ ଟିମ୍‌କୁ ବିଶ୍ୱନାଥ ବାହିନୀପତି ମେମୋରିଆଲ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ପୁରସ୍କୃତ କରାଯିବ।

# ଦକ୍ଷତା ବୃଦ୍ଧି ପାଇଁ ତାଲିମ ନେଲେ ୪୦ ଶିକ୍ଷୟିତ୍ରୀ ଶିକ୍ଷକ

ବୋଲଗଡ଼,୪।୧୨(ଦେବବ୍ରତ ହୋତା)

ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷା ବିଭାଗ ନିରନ୍ତର ପ୍ରୟାସ ରଖିଛି। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓଏସ୍‌ଇପିଏ)ପକ୍ଷରୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଉଚ୍ଚ ପ୍ରାଥମିକ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ପାଇଁ ଚାଲିଥିବା ପଞ୍ଚମ ପର୍ଯ୍ୟାୟର ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ନେତୃତ୍ୱ, ଶିକ୍ଷକଙ୍କର ବିକାଶାତ୍ମକ ମନୋବୃତ୍ତି, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ହାଉସ ସିଷ୍ଟମ, ବସ୍ତାନୀ ବିହୀନ ପାଠପଢ଼ା ଦିବସ, ଅନ୍ତର୍ନିବେଶୀ ଶିକ୍ଷା, ୟୁ ଡ଼ାଇସି ପ୍ଲସ, ମାସିକ ପାଠ୍ୟ ଖସଡ଼ା, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଟାବଲେଟର ବ୍ୟବହାର, ସାଇବର ସୁରକ୍ଷା ଓ ବିଦ୍ୟାଳୟ ନିରାପତ୍ତା ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣକୁ ସମ୍ବଳ ଶିକ୍ଷକ ସାନନ୍ଦ କୁମାର ସାହୁ, ସୁବାଷ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସିଂହ ଏବଂ ଦାଶରଥି ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ଅମିତା ମିଶ୍ର ଯୋଗଦେଇ ଶିବିରର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଉତ୍ତରକବାଟ, ହରଷ ଦେଇ, ପ୍ରସନ୍ନ କୁମାର ସାହୁ ଏବଂ ବିଷ୍ଣୁପ୍ରିୟା ସେଠୀ ତ୍ରିଦିବସୀୟ କର୍ମଶାଳାର ଫଳାଫଳ ବାବଦରେ ଆଲୋକପାତ କରିଥିଲେ।

# ୧୬୭୫ ଲିଟର ପୋଚ ନଷ୍ଟ, ଦେଶୀମଦ ଜବତ

ବେଗୁନିଆ,୪।୧୨(ସନ୍ଧ୍ୟାରାଣୀ ମିଶ୍ର)

## ମା'ପୁଅ ଗିରଫ



ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଭ୍ରାମ୍ୟମାଣ ଅବକାରୀ ବିଭାଗ ଏବଂ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୧୬୭୫ ଲିଟର ପୋଚ ନଷ୍ଟ କରାଯିବା ସହ ୫୪୦ ଲିଟର ଦେଶୀମଦ, ମୋବାଇଲ ଫୋନ ଏବଂ ଆବଶ୍ୟକ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବୋଲଗଡ଼ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର କୁନ୍ତଳା ସାହୁ ଏବଂ ତାଙ୍କ ପୁଅ ଜୟକୃଷ୍ଣ ସାହୁଙ୍କୁ ଗିରଫ କରାଯାଇଛି। ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି ଏବଂ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ୍‌ଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

# ସ୍ନେହ, ଶ୍ରଦ୍ଧା ଦେଲେ ଆଗକୁ ବଢ଼ିବେ

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଶ୍ୟାମା ମାଧବ ବାସନ୍ତୀ ଦେବୀପାଠାଗାର ଠାରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଅଦାଲତ ଦେୱାନୀ ବିଚାରପତି(ବରିଷ୍ଠ) ରାଜେଶ ରୋଶନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଦେୱାନୀ ଜଜ୍ (କନିଷ୍ଠ) ପ୍ରଭାତ କୁମାର ସାମଲ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଡ.ମମତା ଦେ, ଦେବପ୍ରସାଦ ମଜୁମଦାର, ନସିରୁଦ୍ଦିନ ଖାନ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଆଇନଜୀବୀ ଅଶୋକ କୁମାର ମହାପାତ୍ର, ବସନ୍ତ ଦାସ, ବିକ୍ରମ କେଶରୀ ଚମ୍ପତି ଏବଂ ସଞ୍ଜୟ ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବହୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନେ କିପରି ସମ୍ମାନର ସହ ସମାଜରେ ବଞ୍ଚିବେ, ସମାଜର ବିକାଶରେ ନିଜକୁ ସାମିଲ କରିବେ ସେନେଇ ବକ୍ତାମାନେ ଆଲୋକପାତ କରିଥିଲେ। ସେମାନଙ୍କୁ ଘୃଣା କିମ୍ବା ଅତ୍ୟାଚାର କଲେ ଆଇନ ବିଧି ବ୍ୟବସ୍ଥାରେ କ'ଣ ସବୁ ଦଣ୍ଡବିଧାନ ରହିଛି ସେ ସମ୍ପର୍କରେ ଫୌଜଦାରୀ ବିଚାରପତି ପ୍ରତାପ ଚନ୍ଦ୍ର ପୃଷ୍ଟି କହିଥିଲେ। ଶିକ୍ଷୟିତ୍ରୀ ମନ୍ଦିରା ଦେ ଧନ୍ୟବାଦ ଦେଇଥିବା ବେଳେ ତାଲୁକ ଆଇନ ସେବା ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ବାଙ୍କୀ, ପିୱାଇସି ଅତ୍ରି ବିଜୟୀ

## କୁମାରବସ୍ତ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ବାଙ୍କୀ ଏବଂ ପିୱାଇସି ଅତ୍ରି ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡ଼ିଆରେ ପ୍ରଥମ ମ୍ୟାଚ୍ ବାଙ୍କୀ ଏବଂ ଡମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଙ୍କୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଗର ବେହେରା ୭୮ରନ କରିଥିଲେ। ଜବାବରେ ଡମାଣ୍ଡୋ ଟିମ୍ ୧୨ଓଭରରେ ୮ ଉଇକେଟ ବିନିମୟରେ ୧୫୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦୀପକ ହରିଚନ୍ଦନ ୬୯ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପିୱାଇସି ଅତ୍ରି ଏବଂ ମଞ୍ଚେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଅତ୍ରି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୭ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କୁଳଦୀପ ପାଇକରାୟ ୬୯ ରନ କରିଥିଲେ। ଜବାବରେ ମଞ୍ଚେଶ୍ୱର ଟିମ୍ ୧୩ ଓଭରରେ ୧୦ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୋମନାଥ ବଳ ୩୬ ରନ କରିଥିଲେ। ଅତିଥିଭାବେ ୱାଣ୍ଡରେଲା ଡେପୁଟି ମ୍ୟାନେଜର ଆଶୁତୋଷ ମହାରଣା ଯୋଗଦେଇ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ସାଗର ବେହେରାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚର ଅତିଥି ନରେନ୍ଦ୍ର ବରାଳ ଶ୍ରେଷ୍ଠ ଖେଳାଳି ସନ୍ତୋଷ ପରିଡ଼ାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଏବଂ ସୋଭାକର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଏବଂ ଶ୍ରଧାକର ପାତ୍ର ମ୍ୟାଚ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ରଞ୍ଜନ ବରାଳ, ପ୍ରକାଶ, ଅମ୍ଳାନ ରାଉତରାୟ, ଶିବଦତ୍ତ ବଡ଼ଜେନା ଏବଂ ଜନ୍ମେଜୟ ଛୋଟରାୟ ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଉଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ଯଦୁପୁର-ବାଙ୍କୁଆଳ ଏବଂ ଦ୍ୱିତୀୟ ମ୍ୟାଚ୍ ପିୱାଇସି ଅତ୍ରି-ଢେଙ୍କାନାଳ କ୍ଲବ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ କହିଛନ୍ତି।

# ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଣପୁର,୪।୧୨(ଦିଲୀପ କୁମାର ସ୍ୱାଇଁ)

ନରେନ୍ଦ୍ରପୁର ପଞ୍ଚାୟତ ଟାଙ୍ଗୀ ପଡ଼ିଆଠାରେ ସ୍ଥାନୀୟ ଉପେନ୍ଦ୍ର ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର ସମସ୍ତ କର୍ମଚାରୀ ଗ୍ରାମଦେବୀ ମା' ଭବାନୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ପଡିଆରେ ସ୍ଥାପନ କରିଥଲେ। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୌଡ, ଜାଭଲିନ ଥ୍ରୋ, ଶଟପୁଟ ଥ୍ରୋ, ସ୍ଲୋ ସାଇକେଲ ରେସ, ଅଖା ଡିଆଁ, ମ୍ୟୁଜିକ ଚେୟାର ଆଦି ୧୫ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶିଶିର ଦାସ, ସମର କେଶରୀ ଜେନା, ରାଜ କିଶୋର ରାଉତରାୟ, ମହେଶ୍ୱର ଜେନା, ସଞ୍ଜିତ ସେଠୀ, ଜିତେନ୍ଦ୍ର ସ୍ୱାଇଁ, ସତ୍ୟ ନାୟକ, ପୁଷ୍ପଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର କହିଥିଲେ।



# ମହାପ୍ରଭୁଙ୍କୁ ଦର୍ଶନକଲେ ରାଷ୍ଟ୍ରପତି

ପୁରୀ,୪।୧୨(ଅଜିତ୍ କୁମାର ମହାନ୍ତି)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୯ଟା ୪୫ରେ ସମଙ୍ଗସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀସେତୁ, ଶ୍ରୀଜଗନ୍ନାଥବଲ୍ଲଭ ଓ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ରାଷ୍ଟ୍ରପତି ଚାଲି ଚାଲି ଶ୍ରୀମନ୍ଦିର ନିକଟକୁ ଯାଇଥିଲେ। ସେହି ସମୟରେ ବଡ଼ଦାଣ୍ଡରେ ଥିବା ଭକ୍ତ ଓ ଲୋକଙ୍କୁ ଭେଟିଥିଲେ। ସିଂହଦ୍ୱାର ନିକଟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, କୌଳିକ ପଣ୍ଡା ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ୧୦ଟା ୦୫ରେ ଶ୍ରୀମନ୍ଦିରକୁ ଯାଇ ଗର୍ଭଗୃହଠାରେ ସପରିବାର ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ୧୦.୪୦ରେ ସେ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିରରୁ ଫେରିବା ବେଳେ ସିଂହଦ୍ୱାରଠାରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତିଙ୍କୁ ଫଟୋଚିତ୍ର ପ୍ରଦାନ କରିଥିଲେ। ସେହିପରି ପୁରୀର ଜଣେ କୁନି ଝିଅଙ୍କଠାରୁ ମହାପ୍ରଭୁଙ୍କ ନାଗାର୍ଜ୍ଜୁନ ବେଶର ଫଟୋଚିତ୍ର ଗ୍ରହଣ କରିଥିଲେ। ଦର୍ଶନ ସମୟରେ ରାଷ୍ଟ୍ରପତିଙ୍କ ସହ ତାଙ୍କ କୌଳିକ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ନୀତି ସଅଳ କରାଯାଇଥିଲା। ତାଙ୍କ ଦର୍ଶନ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

### ଚାଲିଚାଲି ଗଲେ ରାଷ୍ଟ୍ରପତି, କୌଳିକ ପଣ୍ଡାଙ୍କ ଖାତାରେ କଲେ ଦସ୍ତଖତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କୌଳିକ ପଣ୍ଡା ରାଜରତନ ମହାପାତ୍ର କହିଛନ୍ତି, 'ରାଷ୍ଟ୍ରପତି ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ସେବାୟତ ସମାଜର ସହଯୋଗରେ ଶାନ୍ତିଶୃଙ୍ଖଳାରେ ରାଷ୍ଟ୍ରପତିଙ୍କ ଦର୍ଶନ ସୁଚାରୁରୂପେ ସମ୍ପାଦନ ହୋଇଛି। ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଭିତର ବେଢ଼ା ପରିକ୍ରମା କରିଥିଲେ। ମୁକ୍ତିମଣ୍ଡପ ଯାଇ ସେ ବ୍ରାହ୍ମଣଙ୍କ ଆଶୀର୍ବାଦ ନେଇଛନ୍ତି। ପରେ ବିମଳା ମନ୍ଦିର ଓ ଲକ୍ଷ୍ମୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିଥିଲେ। କୌଳିକ ପଣ୍ଡାଙ୍କ ନିକଟରେ ଥିବା ଯଜମାନଙ୍କ ପୁସ୍ତିକାରେ ଦସ୍ତଖତ କରିଥିଲେ। ରାଷ୍ଟ୍ରପତି ଆମକୁ ରାଷ୍ଟ୍ରପତି ଭବନ ଯିବାକୁ ନିମନ୍ତ୍ରଣ କରିଛନ୍ତି। ରାଷ୍ଟ୍ରପତି ବଡ଼ଦାଣ୍ଡରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ଚାଲି ଚାଲି ଆସିଥିଲେ। ରାଷ୍ଟ୍ରପତି ମହାପ୍ରଭୁଙ୍କୁ ଦର୍ଶନକରି ବେଶ୍ ଭାବବିହ୍ୱଳ ହୋଇଥିଲେ। ନିଜ ଝିଅ, ଜ୍ୱାଇଁ ଓ ୨ ନାତୁଣୀଙ୍କ ସହ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

### କୁନିଝିଅଠାରୁ ମହାପ୍ରଭୁଙ୍କ ଫଟୋ ନେଲେ

ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ କରି ଫେରିବା ସମୟରେ ଶ୍ରୀମନ୍ଦିର ନିକଟ ପ୍ରେସ୍ ଗ୍ୟାଲେରି ପାଖରେ କୁନି ଝିଅଟିଏ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ନାର୍ଗାଜ୍ଜୁନ ବେଶ ଫଟୋ ଧରି ଠିଆ ହୋଇଥିଲେ। ଉକ୍ତ ଫଟୋଚିତ୍ରକୁ ମୁର୍ମୁଙ୍କୁ ଦେବା ନିମନ୍ତେ ଚେଷ୍ଟା କରିଥିଲେ। ଗହଳି ମଧ୍ୟରେ ରାଷ୍ଟ୍ରପତିଙ୍କ ନଜର କୁନି ଝିଅ ଉପରେ ପଡ଼ିଥିଲା। ଏହାପରେ ସେ କୁନି ଝିଅ ପାଖକୁ ଯାଇ ତାଙ୍କଠାରୁ ଜଗନ୍ନାଥଙ୍କ ନାଗାର୍ଜ୍ଜୁନ ବେଶ ଫଟୋ ନେଇଥିଲେ। ଝିଅଟିର ଫଟୋ ଉଠାଇବା ନିମନ୍ତେ ସମସ୍ତଙ୍କୁ କହିଥିଲେ। ରାଷ୍ଟ୍ରପତି କୁନି ଝିଅ ପ୍ରିୟାସିଂ ପ୍ରିୟଦର୍ଶିନୀ ଦାସମହାପାତ୍ରଙ୍କଠାରୁ ଫଟୋ ନେଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

### ସିଂହଦ୍ୱାର ଗୁମୁଟକୁ ପଶିଗଲେ କ୍ୟାମେରାମ୍ୟାନ

ରାଷ୍ଟ୍ରପତି ମୁର୍ମୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ସମୟରେ ବାଇଶି ପାହାଚଠାରେ କିଛି ସମୟ ଅଟକି ଯାଇଥିଲେ। ଏହି ସମୟରେ ରାଷ୍ଟ୍ରପତିଙ୍କ ଜଣେ କ୍ୟାମେରାମ୍ୟାନ ତାଙ୍କ ଫଟୋ ଉଠାଇବାକୁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟକୁ କ୍ୟାମେରା ଧରି ପଶିଯାଇଥିଲେ। ସେଠାରେ ଥିବା ସେବାୟତ ତାଙ୍କୁ ବାରଣ କରିବା ସହ ବାହାରକୁ ଯିବାକୁ କହିଥିଲେ। ଫଳରେ ଉକ୍ତ କ୍ୟାମେରା ମ୍ୟାନ ଜଣଙ୍କ ବାହାରକୁ ବାହାରି ଆସିଥିଲେ।

### ରାଷ୍ଟ୍ରପତିଙ୍କୁ ଦେଖିବାକୁ ଭିଡ଼

ରାଷ୍ଟ୍ରପତି ଦ୍ରୌପଦୀଙ୍କୁ ଦେଖିବାକୁ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଲୋକେ ବିଭିନ୍ନ ଛାତ ଓ ମଠ ଉପରେ ଠିଆହୋଇ ରାଷ୍ଟ୍ରପତିଙ୍କ ଟିକିଏ ଝଲକ ଦେଖିବା ଗହଳି କରିଥିଲେ। ଏପରିକି ଶ୍ରୀମନ୍ଦିର ଚାରିପାଖରେ ଲୋକେ ଠିଆ ହୋଇ ରହିଥିଲେ।

### ନାଭାଲ ଶୋ' ଦେଖିବାକୁ ବେଳାଭୂମିରେ ଜନସମୁଦ୍ର

ବୁଧବାର ପୁରୀରେ ପ୍ରଥମ ନୌସେନା ଦିବସ ପାଳନ ହୋଇଛି। ଏହି ଶୋ'କୁ ଦେଖିବାକୁ ବେଳାଭୂମି ପରିସରରେ ଲୋକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ପୋଲିସ ପକ୍ଷରୁ ଭିଡ଼କୁ ନିୟନ୍ତ୍ରଣ କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ରାସ୍ତାରେ ଗାଡ଼ି ଚଳାଚଳ ଉପରେ ରୋକ ଲଗାଯାଇଥିଲା। ତେବେ ମୋଚି ସାହି ଛକଠାରେ ପ୍ରବଳ ଗହଳି କାରଣରୁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ବେଳାଭୂମି ଦିଗ ବାରେଣୀ ଛକଠାରୁ ଷ୍ଟର୍ଲିନ ଓ ନୀଳାଦ୍ରି ବିଚ୍‌ଠାରୁ ପେଣ୍ଠକଟା ପର୍ଯ୍ୟନ୍ତ ଲୋକେ ଠିଆ ହୋଇ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଏଥିସହ ସମୁଦ୍ର ସମ୍ମୁଖ ଅନେକ ହୋଟେଲରେ ମଧ୍ୟ ଲୋକେ ଠିଆ ହୋଇ ଏହି ଶୋ' ଦେଖିଥିଲେ। ଜନ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗାଡ଼ି ପାର୍କିଂ, ଶୌଚାଳୟ ସମେତ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ସେହିପରି ବ୍ୟାପକ ପୋଲିସ ସହ ଲାଇଫ ଗାର୍ଡ ମୁତୟନ ହୋଇଥିଲେ।




ପୁରୀଠାରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ପ୍ରଭୁ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରୁଛନ୍ତି।

## ସାକ୍ଷୀଗୋପାଳ କଲେଜରେ ଏଡ୍‌ସ ସଚେତନତା ଶିବିର

ସାକ୍ଷୀଗୋପାଳ,୪।୧୨(ଭରତ ରାଉତ)

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ୍‌କ୍ରସର ରେଡ୍ ରିବନ କ୍ଲବ ପକ୍ଷରୁ ଏଡ୍‌ସ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ଯୁବ ରେଡ୍‌କ୍ରସ କାଉନସେଲର ସ୍ୱର୍ଣ୍ଣଲତା ମାହାରୀ ଓ ଜିତେନ କୁମାର ଦାସ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ଏଚ୍‌ଆଇଭି ଓ ଏଡ୍‌ସ ଏବଂ ଏହାର ନିରାକରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ମୁଖ୍ୟ ସୁଜାତା ମହାପାତ୍ର, ଇଂଲିଶ ବିଭାଗର ମୁଖ୍ୟ ମନୋଜ ପରିଡ଼ା, ରାଜନୀତି ବିଭାଗର ମୁଖ୍ୟ ରତ୍ନାକର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିବିରରେ ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବତନ ମୁଖ୍ୟ କିରାଣୀ ରାଜକିଶୋର ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିମାପଡ଼ା କଲେଜରେ ଓମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି




ସମାରୋହରେ ମଞ୍ଚାସୀନ ଅତିଥି।

ନିମାପଡ଼ା,୪।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କଲେଜରେ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅଧ୍ୟୟନରତ ଦ୍ୱିତୀୟ ବର୍ଷର ଛାତ୍ର ଓମ୍ ପ୍ରସାଦ ଜେନାଙ୍କ ମଙ୍ଗଳବାର ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳୁଥିବାବେଳେ ମୃତ୍ୟୁ ଘଟିଥିଲା। ଏହି ଅବସରରେ କଲେଜ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ପକ୍ଷରୁ କଲେଜଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ସ୍ନାତକୋତ୍ତର ବିଭାଗର ସହ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଛାତ୍ର ଓମ୍‌ଙ୍କ ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଛାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଆ ବିଭାଗ ପକ୍ଷରୁ ଏକ ପୁସ୍ତକ 'ଅଫେରା ପଥିକ' ପ୍ରକାଶିତ ହେବ ବୋଲି ସମାରୋହରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ସମାରୋହରେ ଛାତ୍ରଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ପିଜି ବିଭାଗ ଅଧ୍ୟାପକ ଅଜୟ ଦାସ, ସୁଶାନ୍ତ ଜେନା, ସୁକାନ୍ତ ବାରିକ୍, ପ୍ରେମାନନ୍ଦ ଗହୀର, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ସାହୁ, ବବିତା ମହାପାତ୍ର, ସୁମତି ବିଶ୍ୱାଳଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ପିଜି ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର, ବହୁ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ।

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୭ ଆହତ, ୩ ଗୁରୁତର

ପିପିଲି,୪।୧୨(ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ମାଙ୍କଡ଼ କାମୁଡ଼ାରେ ବୁଧବାର ୭ରୁ ୮ଜଣ ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଅଞ୍ଚଳରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ମୁତାବକ, କିଛିଦିନ ହେବ ପିପିଲି ଏନ୍‌ଏସିର ୨ ଓ ୩ ନଂ. ୱାର୍ଡରେ ବାହାରୁ ଆସିଥିବା ୨୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ତାଙ୍କ ଭୟରେ ପିଲାମାନେ ବିଦ୍ୟାଳୟ କି ଲୋକେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଏକାକୀ ବାହାରକୁ ବାହାରିଲେ ଏକାଧିକ ମାଙ୍କଡ଼ ଘେରି ଆକ୍ରମଣ କରୁଛନ୍ତି। ଫଳରେ ଅଞ୍ଚଳବାସୀ ହାତରେ ବାଡ଼ି, ଠେଙ୍ଗା ଧରି ମେଳି ବାନ୍ଧି ବାହାରକୁ ବାହାରୁଛନ୍ତି। ମାଙ୍କଡ଼ କାମୁଡ଼ାରେ ଭବାନୀପୁର ଗ୍ରାମର ଅଫସନା ବିବି, ମହମ୍ମଦ ଅବୁବସ୍କର, ଅଫସନା ବେଗମ୍ ଏବଂ ଦରଜି ସାହିର ସନ୍ତୋଷ ବାରିକ୍, ସୁନିଲ ସାହୁ ପ୍ରମୁଖ ୭ରୁ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଯୁବକ ବାଣ ସହାୟତାରେ ମାଙ୍କଡ଼ଙ୍କୁ ଘଉଡ଼ାଉଛନ୍ତି। ମାଙ୍କଡ଼ଙ୍କୁ କାବୁ କରିବାକୁ ବନ ବିଭାଗକୁ ପିପିଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ଲେଖାଯାଇଛି। ସମସ୍ୟାର ସମାଧାନ ନିମନ୍ତେ ବ୍ୟବସ୍ଥା କରାଯିବାକୁ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ କହିଛନ୍ତି।

### ଅଙ୍ଗନୱାଡି ସୁପରଭାଇଜରଙ୍କ ଅବସର ସମ୍ବର୍ଦ୍ଧନା ସଭା

କଣାସ,୪।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଯାମଳଗୋଦା ଗ୍ରାମପଞ୍ଚାୟତ ବସନ୍ତପୁର ନୋଡାଲ ବାଙ୍କେଶ୍ୱର ଉପ୍ରା ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅଙ୍ଗନୱାଡି ସୁପରଭାଇଜର ଇନ୍ଦୁମଣି ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳିବାସ ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକା ଯୋଗଦେଇଥିଲେ। ଅବସପ୍ରାପ୍ତ ଶିକ୍ଷକ କାଳୁଚରଣ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ମାନସିଂ, ସିଡିପିଓ ସ୍ମିତାରାଣି ମହାନ୍ତି, ଆଇସିଡିଏ କର୍ମଚାରୀ କାମଦେବ ପ୍ରଧାନ ଏବଂ କପିଳ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଅବସର ଗ୍ରହଣ କରୁଥିବା ଇନ୍ଦୁମଣିଙ୍କୁ ସିଡିପିଓ ମାନପତ୍ର, ସ୍ୱର୍ଣ୍ଣମୁଦି ଉପହାର ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମୀ ଝୁନାରାଣୀ ମହାପାତ୍ର ସଭା ପରିଚାଳନା କରିଥିଲେ।

## ଖାଉଟିଙ୍କୁ ଶୋଷଣକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଅସ୍ତରଙ୍ଗ,୪।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଖଟିଖିଆଙ୍କ ପରିବାରର ପ୍ରମୁଖ ଖାଦ୍ୟ ଆଳୁ, ପିଆଜ ଓ ରସୁଣ। ଘରେ କିଛି ନ ଥିଲେ ବି ଆଳୁ ସିଝା କିମ୍ବା ଖଣ୍ଡେ ପିଆଜରେ ପେଟ ପୂରିଯାଏ। ବର୍ତ୍ତମାନ ସେ ସମୟ ବଦଳିଯାଇଛି। ଗରିବ ଲୋକେ ବଜାରକୁ ଯାଇ ଚଢ଼ାଦରରେ ଆଳୁ, ପିଆଜ ହେଉକି ରସୁଣ କିଣିବାକୁ ସକ୍ଷମ ହୋଇପାରୁନାହାନ୍ତି। କାରଣ ଦୈନିକ ପରିବା ବଜାରରେ ହୁହୁ ହୋଇ ବଢ଼ୁଛି ଦରଦାମ। ଖୁଚୁରା ବଜାରରେ ଆଳୁ କେଜି ୫୦ରୁ ୬୦ଟଙ୍କା। ପିଆଜ ଦର ୬୦ଟଙ୍କା, ରସୁଣ କି.ଗ୍ରା. ୪ଶହ ଟଙ୍କା ରହିଛି। ସାଧାରଣତଃ ବର୍ଷାଦିନେ ଏହି ଦର ସାମାନ୍ୟ ଉଚ୍ଚା ରହୁଥିବା ବେଳେ ନଭେମ୍ବର ଶେଷବେଳକୁ ଶସ୍ତା ହୋଇଥାଏ। କିଛି ଦିନ ମଧ୍ୟରେ ନୂଆ ଆଳୁ, ପିଆଜ ଓ ରସୁଣ ବାହାରିବାକୁ ଯାଉଛି। ମାତ୍ର ଏବେ ଓଲଟା ସ୍ଥିତି ଦେଖିବାକୁ ମିଳୁଛି। ଏବେ ଅସ୍ତରଙ୍ଗରେ ଆଳୁ ସଙ୍କଟ ଦେଖାଦେଇଛି। ଆଳୁ କେଜିଏ ପାଇଁ ଲୋକେ ନାହିଁ ନ ଥିବା ହନ୍ତସନ୍ତ ହେଉଛନ୍ତି। କେତେଜଣ ବେପାରୀ ଆଳୁ ଗଚ୍ଛିତ ରଖି ଚଢ଼ାଦରରେ ବିକୁଛନ୍ତି। କେଉଁଠି ୫୦ଟଙ୍କା ତ ଆଉ କେଉଁଠି ଭଲ ଆଳୁ କହି ୬୦ଟଙ୍କାରେ ବିକ୍ରି କରୁଛନ୍ତି। ଏପରିକି ଆଳୁ ବଛାବଛି କରିବାକୁ ବାରଣ କରାଯାଉଛି।

ଏ ନେଇ ଗତ ୩ ତାରିଖରେ ଖବର ପ୍ରକାଶ ପରେ ଆକ୍ସନ ମୁଡ୍‌ରେ ଅସ୍ତରଙ୍ଗ ଯୋଗାଣ ଅଧିକାରୀ। ଅଚାନକ ବୁଧବାର

### ଯୋଗାଣ ବିଭାଗର ଅଚାନକ ଚଢ଼ାଉ, ଲାଗିଲା ଦର ତାଲିକା

ପୂର୍ବାହ୍ନରେ ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀ ଶିବପ୍ରସାଦ ମହାନ୍ତି ବଜାରରେ ଥିବା ବିଭିନ୍ନ ପନିପରିବା ଦୋକାନରେ ଚଢ଼ାଉ କରିବା ସହ ନିଜେ ଉପସ୍ଥିତ ରହି ପ୍ରତ୍ୟେକ ଦୋକାନରେ ଦର ତାଲିକା ମାରିଥିଲେ। ଏଥିସହ ପାଇକାରୀ ବଜାରରେ ଆଳୁ କିଲୋ ୪୦ଟଙ୍କା ଓ ବଛାବଛି କରି ଆଳୁ ନେଲେ ୪୫ଟଙ୍କା ବୋଲି କହିଥିଲେ। ଯେଉଁ ଲାଭଖୋର ବ୍ୟବସାୟୀ ଅଧିକ ନେଉଛନ୍ତି, ତୁରନ୍ତ ଜଣାଇବାକୁ ସୂଚନା ଦେଇଛନ୍ତି। ଯଦି ଆଗାମୀ ଦିନରେ କଳାବଜାର ହୁଏ, ତେବେ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମଙ୍କୁ ସହଯୋଗ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ

ନିମାପଡ଼ା,୪।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଓ ପୁରୀ ଜିଲା ପ୍ରଶାସନ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ସହାୟତାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ ପାଳିତ ହୋଇଯାଇଛି। ପିପିଡବ୍ଲ୍ୟୁଓ କାର୍ଯ୍ୟାଳୟଠାରେ ଆୟୋଜିତ ସମାରୋହରେ ଅତିଥି ଭାବେ ସ୍ଥାନୀୟ ତହସିଲଦାର ବସନ୍ତ କୁମାର ହାତୀ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ପବିତ୍ର ମହାପାତ୍ର, ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନ, ସାହାଯ୍ୟ ସହଯୋଗର ହାତ ବଢ଼ାଇବା, ଭିନ୍ନ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଭିନ୍ନକ୍ଷମଙ୍କ ମଧ୍ୟରେ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଏଥିସହ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟାଯାଇଥିଲା। ପିପିଡବ୍ଲ୍ୟୁଓ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସେଣ୍ଟର ଫର ଅଟିଜିମ୍, ସ୍ୱତନ୍ତ୍ର ଶିକ୍ଷକ ତାଲିମ କେନ୍ଦ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୩୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍, ଗାଇଡ୍ ଛାତ୍ରୀଛାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଭିନ୍ନକ୍ଷମ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## କୁଚିପୁଡ଼ି, ଓଡ଼ିଶୀ ନୃତ୍ୟରେ ବିମୋହିତ ପର୍ଯ୍ୟଟକ

କୋଣାର୍କ,୪।୧୨(ଜ୍ୟୋତିରାଜ ମହାନ୍ତି)

୩୫ତମ କୋଣାର୍କଉତ୍ସବର ଆଜିଥିଲା ଚତୁର୍ଥ ସନ୍ଧ୍ୟା। ପ୍ରଥମ ପର୍ଯ୍ୟାୟରେ ହାଇଦ୍ରାବାଦରୁ ଆସିଥିବା ଦୀପିକା ରେଡ୍ଡୀ ଓ ସାଥୀ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା 'କୁଚିପୁଡ଼ି' ନୃତ୍ୟ। ଦୀପିକା ରେଡ୍ଡୀ ଗତ ୫ ଦଶନ୍ଧି ଧରି କୁଚିପୁଡ଼ି ନୃତ୍ୟଶୈଳୀର ଜଣେ ଧୂରୀଣ ନୃତ୍ୟାଙ୍ଗନା। ସେ ତାଙ୍କର ଦୀପାଞ୍ଜଳି ଅନୁଷ୍ଠାନ ମାଧ୍ୟମରେ କୁଚିପୁଡ଼ି ନୃତ୍ୟଶୈଳୀକୁ ଶିଖରରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। 'କୁଚିପୁଡ଼ି ବନ୍ଦନା' ମାଧ୍ୟମରେ ଅଗ୍ରପୂଜ୍ୟ ଗଣେଶଙ୍କର ବନ୍ଦନା ସହ 'ଥାକୁଭେମିମନାକୁ' ଓ ମଧୁରମ୍ ମଧୁରମ୍‌ରେ କୃଷ୍ଣଙ୍କର ଲୀଳା ଓ ରାସ ପ୍ରଦର୍ଶିତ କରାଯାଇଥିଲା। ନିତ୍ୟ ନିରଞ୍ଜନମରେ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ବିଭିନ୍ନ ତାଳ ଓ ନୃତ୍ୟାଙ୍ଗନାଙ୍କର ଅଙ୍ଗରାଗ କୁଚିପୁଡ଼ି ନୃତ୍ୟଶୈଳୀରେ ପରିବେଷଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର 'ରୁଦ୍ରାକ୍ଷ ଫାଉଣ୍ଡେଶନ'ର ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ସାଥୀ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଓଡ଼ିଶୀ ନୃତ୍ୟର ରୂପ, ରସ, ରାଗ, ଛନ୍ଦ ଓ ଭଙ୍ଗିମାର ଅପୂର୍ବ ପରିପ୍ରକାଶ ଘଟିଥିଲା। ନିର୍ଦ୍ଦେଶନାରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଏବଂ ସଙ୍ଗୀତରେ ଗୁରୁ ରାମହରି ଦାସ, ଗୁରୁ ଶ୍ରୀଜନ ଚାଟାର୍ଜୀ ଓ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଅପୂର୍ବ କିଶୋର ବୀର କଳା ଚାତୁରୀ ପ୍ରଦର୍ଶିତ ହୋଇଥିଲା।

ଚତୁର୍ଥ ସନ୍ଧ୍ୟାର ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ,




କୋଣାର୍କ ଉତ୍ସବରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### କୋଣାର୍କ ଉତ୍ସବର ୪ର୍ଥ ସନ୍ଧ୍ୟା

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟାନ୍ୟ ବିଧାୟକଗଣ, ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଦୀନବନ୍ଧୁ ସାହୁ, ପୁରୀ ସର୍କଲର ଏଏସ୍‌ଆଇ ଅଧୀକ୍ଷକ ପ୍ରତ୍ନତତ୍ତ୍ୱବିତ୍ ଦେବୀସୀତା ବ୍ରଜସୁନ୍ଦର ଗଡ଼ନାୟକ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

ଚନ୍ଦ୍ରଭାଗାଠାରେ ୧୪ତମ ଅନ୍ତର୍ଜାତୀୟ ବାଲୁକା ଉତ୍ସବର ୪ର୍ଥ ଦିନରେ ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ଥିଲା 'ସେବାରେ ସ୍ୱଚ୍ଛତା', ମହିଳାଙ୍କ ପାଇଁ ଥିଲା 'ସାମୁଦ୍ରିକ ଜୀବନ ଓ ସୌନ୍ଦର୍ଯ୍ୟବୋଧ'। ରାଜ୍ୟ ବାହାରୁ ଆସିଥିବା ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟବସ୍ତୁ ଥିଲା ବନ୍ୟପ୍ରାଣୀ ଓ ପରିବେଶ। କୋଣାର୍କ ଉତ୍ସବର ୪ର୍ଥ ସନ୍ଧ୍ୟାରେ ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପଦାଧିକାରୀ ଏବଂ ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ। ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଶୋଭନା ମିଶ୍ର ସଂଯୋଜନା କରିଥିଲେ।

# ନୌସେନା ଦିବସ ସ୍ୱତନ୍ତ୍ର






# ବିଶ୍ୱ ଦେଖିଲା ନୌସେନାର ମହାପରାକ୍ରମ





**ପୁରୀ,୪।୧୨(ଅଜିତ୍ କୁମାର ମହାନ୍ତି)**

ମହୋଦଧିରେ ବିଶ୍ୱ ଦେଖିଲା ନୌସେନାର ପରାକ୍ରମ। ନୌସେନା ଦିବସରେ ଓଡ଼ିଶାରେ ଲେଖାହେଲା ଉତ୍ସବର ନୂଆ ଇତିହାସ। ଯୁଦ୍ଧ ଜାହାଜ ଓ ବିମାନର ଗର୍ଜନରେ ଶ୍ରୀକ୍ଷେତ୍ରର ଆକାଶ ଓ ବେଳାଭୂମି ପ୍ରକମ୍ପିତ ହୋଇ ଉଠିଥିଲା। ଏହି କଳାକୌଶଳ ଦେଖି ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ତାଜୁବ ହୋଇଛନ୍ତି। ନୌସେନାର କଳା କୌଶଳ କିଛି ସମୟ ପାଇଁ ପୁରୀ ସହର ତଥା ବେଳାଭୂମିରେ ଯୁଦ୍ଧର ଭ୍ରମ ସୃଷ୍ଟି କରିଥିଲା। ପ୍ରତିବର୍ଷ ଚଳିତ ବର୍ଷ ଡିସେମ୍ବର ୪ରେ ନୌସେନା ଦିବସ ପାଳନ କରାଯାଇଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ତଥା ପୁରୀ ବେଳାଭୂମିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ପରେ ରାଷ୍ଟ୍ରପତି ମଞ୍ଚ ନିକଟକୁ ଆସିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ରାଷ୍ଟ୍ରପତିଙ୍କୁ ସ୍ୱାଗତକରି ଅଭିବାଦନ ସହ ମଞ୍ଚକୁ ସ୍ୱାଗତ କରିଥିଲେ। ସେ ମଞ୍ଚରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ନୌସେନାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଖଞ୍ଜିତ ଯୁଦ୍ଧ ଜାହାଜ, ବିମାନ ଆଦି ଅଂଶଗ୍ରହଣ କରିଥିଲେ। ସମୁଦ୍ର ମଧ୍ୟରେ ୩୫୦୦ ନୌସେନା ଯବାନଙ୍କ ସହ ବେଳାଭୂମିରେ ୩୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ୧୫ଟି ଯୁଦ୍ଧଜାହାଜ ସହ ୩୭ଟି ବିମାନ, ଗୋଟିଏ ବୁଡ଼ାଜାହାଜ, ୪ଟି ଟ୍ୟାଙ୍କ ଓ କମାଣ୍ଡରମାନେ ସମରକଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କୁମାର ତ୍ରିପାଠୀ, ଭାଇସ୍ ଆଡ୍‌ମିରାଲ ରାଜେଶ ଭଣ୍ଡାରକର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ସେନା ଅଧିକାରୀ, ଅବସରପ୍ରାପ୍ତ ସେନା ଅଧିକାରୀ, ବିଧାୟକ, ଏମ୍‌ପି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାରାଶୁଟ୍‌ରେ ଅବତରଣ କଲେ ନୌସେନାର ସ୍ୱତନ୍ତ୍ର ଦଳ




ନୌସେନାର ସ୍ୱତନ୍ତ୍ର ଦଳ ପାରାଶୁଟ୍‌ରେ ଅବତରଣ କରିବା ଦର୍ଶକମାନଙ୍କୁ ଏକ ନିଆରା ଅନୁଭୂତି ଦେଇଥିଲା। ପରେ ନୌସେନା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକସ୍ମାରକୀ ପ୍ରଦାନ କରାଯାଇଥିଲା ; ଯେଉଁଥିରେ ଉତ୍କଳର ନୌବାଣିଜ୍ୟର ଗାଥା ରହିଥିଲା। ପରେ ମିଗ୍‌ର ଉଡ଼ାଣରେ ପ୍ରକମ୍ପିତ ହୋଇଥିଲା ପୁରୀ ଆକାଶମାର୍ଗ। ନୌସେନା ପକ୍ଷରୁ କରାଯାଉଥିବା ଡେମନଷ୍ଟ୍ରେଶନରେ ୧୫ଟି ଜାହାଜ ଅଂଶଗ୍ରହଣ କରିଥିଲେ। ଆଣ୍ଟି ସମରିନ୍ ରକେଟ୍ ଫାୟାରିଂ ଶୋ' ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସି' କ୍ୟାଡେଟ୍‌ଙ୍କ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ନୌସେନାର ବ୍ୟାଣ୍ଡ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ରାଷ୍ଟ୍ରପତି ମଞ୍ଚରୁ ବିଦାୟ ନେଇଥିଲେ। ପରେ ପରେ ସମୁଦ୍ର ମଧ୍ୟରେ ଥିବା ଜାହାଜଗୁଡ଼ିକ ଆଲୋକିତକରି ନିଜର ଉପସ୍ଥିତି ଜାହିର କରିବା ସହ ଫାୟାର ଶୋ' କରିଥିଲେ। ଶେଷରେ ଆଇଏନ୍‌ଏସ୍ ସାବିତ୍ରୀ ପକ୍ଷରୁ ଲେଜର ଶୋ କରାଯାଇଥିଲା। ଦେଶାତ୍ମବୋଧକ ସଙ୍ଗୀତ ସହ ବିଭିନ୍ନ ସଙ୍ଗୀତର ତାଳେ ତାଳେ ଲେଜର ଶୋ' ଅନୁଷ୍ଠିତ ହୋଇଥିଲା। ଲେଜର ଶୋ' ପରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ନୌସେନା ପକ୍ଷରୁ ଡ୍ରୋନ୍ ଶୋ' ହୋଇଥିଲା।



## ମେରାଇନ୍ କମାଣ୍ଡରଙ୍କ କଳାକୌଶଳ ବେଶ୍ ଆକର୍ଷଣ

ପ୍ରଥମେ ସମୁଦ୍ର ମଧ୍ୟରୁ ୫ଟି ହର୍ ବମ୍ବର ବିମାନ ଦ୍ରୁତ ଉଡ଼ାଣ ଭରିଥିଲେ, ଯାହା ସମସ୍ତଙ୍କୁ ରୋମାଞ୍ଚିତ କରିଥିଲା। ପରେ ପରେ ଫ୍ଲାଗ୍ ଫର୍ମେଶନରେ ତିନୋଟି ଚେତକ ହେଲିକପ୍ଟର ତ୍ରିରଙ୍ଗା ଓ ଭାରତୀୟ ନୌସେନାର ଧ୍ୱଜା ସହ ଉଡ଼ାଣ ଭରି ଯୁଦ୍ଧକଳା ପ୍ରଦର୍ଶନ ଆରମ୍ଭ କରିଥିଲେ। ପରେ ବୁଡ଼ାଜାହାଜ ଆଇଏନ୍‌ଏସ୍ ସଲ୍‌କି ସମୁଦ୍ରରେ ତା'ର ରଣକୌଶଳ ପ୍ରଦର୍ଶନ କରିଥିଲା। ବୁଡ଼ାଜାହାଜରୁ ଶତ୍ରୁ ଉପରେ ଆକ୍ରମଣର କୌଶଳ ଥିଲା ଅନନ୍ୟ ଓ ଅଦ୍ଭୁତ। ସେହିପରି ମେରାଇନ୍ କମାଣ୍ଡରଙ୍କ କଳାକୌଶଳ ବେଶ୍ ଆକର୍ଷଣ ଥିଲା। ଗଭୀର ସମୁଦ୍ରରେ ମରିନ କମାଣ୍ଡୋମାନେ କିଭଳି ସମୁଦ୍ର ପଥରେ ଯାଉଥିବା ବ୍ୟବସାୟୀଙ୍କୁ ସୁରକ୍ଷା ଦିଅନ୍ତି ଏବଂ ଲୁଟେରାଙ୍କ କବଳରୁ ରକ୍ଷା କରନ୍ତି ତାହା ପ୍ରଦର୍ଶନ କରାଯାଇଥିଲା। ହେଲିକପ୍ଟରରୁ ରଶି ଲଗାଇ ସମୁଦ୍ରରୁ ଉଦ୍ଧାର ପ୍ରକ୍ରିୟା ପ୍ରଦର୍ଶନ କରାଯାଇଥିଲା। ଆତଙ୍କବାଦୀଙ୍କୁ ମୁକାବିଲା କରିବା ପାଇଁ ସି' କିଙ୍ଗ୍ ହେଲିକପ୍ଟରର ପରାକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା। ପାଣିଜାହାଜ ଡେଷ୍ଟ୍ରୟର ଆଇଏନ୍‌ଏସ୍ ମଇଶୂର, ଆଇଏନ୍‌ଏସ୍ ସାହ୍ୟାଦ୍ରି, ଆଇଏନ୍‌ଏସ୍ ଦିଲ୍ଲୀ ଓ ଆଇଏନ୍‌ଏସ୍ ସତପୁରାରେ ହେଲିକପ୍ଟର ଅବତରଣ କରିଥିଲା। ପରେ ଟୁଇନ ଇଞ୍ଜିନ ବିଶିଷ୍ଟ ୬ଟି ଚେତକ ହେଲିକପ୍ଟରର ସନ୍ଧାନ ଓ ଉଦ୍ଧାର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା, ଯାହା ବେଶ୍ ରୋମାଞ୍ଚକର ରହିଥିଲା।











ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଦିନେ ଘୁଞ୍ଚିଲା 'ପ୍ରୋବା-୩' ମିଶନ

ଶ୍ରୀହରିକୋଟା, ୪।୧୨: ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ପକ୍ଷରୁ ବୁଧବାର ୟୁରୋପିଆନ୍ ସ୍ପେସ୍ ଏଜେନ୍ସି (ଇଏସ୍ଏ)ର 'ପିଏସ୍ଏଲ୍ଭି-ସି୫୯ ରକେଟ/ପ୍ରୋବା-୩' ମିଶନକୁ ଲଞ୍ଚ୍ କରାଯିବାର ଥିଲା। ତେବେ ବୈଷୟିକ ତ୍ରୁଟି ଯୋଗୁ ଏହାକୁ ଦିନକ ପାଇଁ ସ୍ଥଗିତ ରଖାଯାଇଛି। ଗୁରୁବାର ଅପରାହ୍ନ ୪.୧୨ରେ ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଏହି ମିଶନକୁ ଲଞ୍ଚ୍ କରାଯିବ। ଉକ୍ତ ମିଶନରେ ସୂର୍ଯ୍ୟଙ୍କ କୋରୋନା ଏବଂ ସୂର୍ଯ୍ୟଙ୍କ ସବୁଠୁ ଉତ୍ତପ୍ତ ସ୍ତରକୁ ଅଧ୍ୟୟନ କରାଯିବ। ଏହି ମିଶନରେ ଇଏସ୍ଏ ଏବଂ ଇସ୍ରୋର ବାଣିଜ୍ୟିକ ଶାଖା 'ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ (ଏନ୍ଏସ୍ଆଇଏଲ୍)' ମିଳିତ ସହଭାଗିତାର ସହ କାର୍ଯ୍ୟ କରୁଛନ୍ତି।

# ସ୍କୁଲରେ ଡ୍ରେସ୍ ବଣ୍ଟନବେଳେ ଛାତରୁ ଖସିଲା ଫ୍ୟାନ୍

ଉମରକୋଟ, ୪।୧୨ (ସନ୍ତୋଷ ଶତପଥୀ)



### ପ୍ରଧାନ ଶିକ୍ଷୟିତ୍ରୀ ଆହତ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ କରଣ୍ଡିଆଗୁଡ଼ା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଡ୍ରେସ୍ ବଣ୍ଟନବେଳେ ସିଲିଂ ଫ୍ୟାନ୍ ଖସି ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାୟ ଆହତ ହୋଇଛନ୍ତି। ତାଙ୍କୁ ଅନ୍ୟ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉଦ୍ଧାରକରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କ ଚିକିତ୍ସା କରାଯାଇଛି। ସୂଚନାନୁଯାୟୀ, କରଣ୍ଡିଆକୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୮୫ଜଣ ପିଲା ପଢ଼ନ୍ତି। ସେମାନଙ୍କ ପାଇଁ ଗୋଟିଏ ଶ୍ରେଣୀଗୃହ ରହିଛି। ସେଠାରେ ବୁଧବାର ପିଲାମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ରାୟ ଡ୍ରେସ୍ ବଣ୍ଟନ କରୁଥିଲେ। ହଠାତ୍ ଶ୍ରେଣୀଗୃହର ଛାତରୁ ଫ୍ୟାନ୍ ଖସି ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ସେ ପାଟିକରି ତଳେ ବସିପଡ଼ିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସେଠାରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବନ୍ଦ କରିବା ସହ ଆହତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୁଣ୍ଡର ବାମ ପାଖରେ ଆଘାତ ଲାଗିଛି। ସୌଭାଗ୍ୟବଶତଃ ଏଥିରେ କୌଣସି ପିଲା ଆହତ ହୋଇନାହାନ୍ତି। ଉକ୍ତ ଶ୍ରେଣୀଗୃହର ଅବସ୍ଥା ଶୋଚନୀୟ ହୋଇ ରହିଛି। ଛାତରୁ କଂକ୍ରିଟ ଖସୁଛି ଏବଂ ଅନେକ ସ୍ଥାନରେ ଫାଟ ରହିଛି। ସ୍କୁଲରେ ଅଧାପନ୍ତରିଆ ହୋଇ ୨ଟି ଶ୍ରେଣୀଗୃହ ରହିଛି, ଯାହାର କାମ ସମ୍ପୂର୍ଣ୍ଣ କରାଯାଉନାହିଁ। ପାଲ ଘେରା ରୋଷେଇ ଗୃହରେ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଛି। ଅନେକ ଦିନରୁ ଶ୍ରେଣୀଗୃହ ଓ ରୋଷେଇ ଗୃହ ପାଇଁ ପ୍ରଶାସନକୁ ଦାବି ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସ୍ଥାନୀୟ ୱାର୍ଡମେମ୍ବର ସୁଦର୍ଶନ ଗଣ୍ଡ କହିଛନ୍ତି। ଏ ନେଇ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଠିକାଦାର ଅଧାପନ୍ତରିଆ ଘର କାମ ସାରିବାରେ ବିଳମ୍ବ କରୁଛନ୍ତି। ଘର କାମ କିଭଳି ସରିବ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ବିଇଓ କହିଛନ୍ତି।

## କ୍ରାଡେଲ୍ ବେବି ପଏଣ୍ଟରୁ ନବଜାତ ଶିଶୁ ଉଦ୍ଧାର

ଅନୁଗୋଳ,୪।୧୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ଏକ ଘରୋଇ ନର୍ସିଂହୋମର କ୍ରାଡେଲ୍ ବେବି ପଏଣ୍ଟରୁ ବୁଧବାର ଏକ ନବଜାତ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି। ସକାଳ ପ୍ରାୟ ୯ଟାରେ ନର୍ସିଂହୋମ୍ର ଉକ୍ତ କ୍ରାଡେଲ୍ ବେବି ପଏଣ୍ଟରେ ଏକ ଶିଶୁପୁତ୍ରକୁ କେହି ରଖି ପଳାଇଥିବା ଡା. ଦେବାଶିଷ ପ୍ରଧାନ ଦେଖିବାକୁ ପାଇଥିଲେ। ଏ ନେଇ ଡାକ୍ତର ପ୍ରଧାନ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କୁ ସୂଚନା ଦେଇଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବେହେରା ତୁରନ୍ତ ଉକ୍ତ ନର୍ସିଂହୋମରେ ପହଞ୍ଚିଥିଲେ। ପରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଅଧିକାରୀ ଓ ଆୟା ପହଞ୍ଚି ଡା. ପ୍ରଧାନଙ୍କ ଉପସ୍ଥିତିରେ ଶିଶୁଟିକୁ ଗ୍ରହଣ କରିଥିଲେ। ଆଇନ ଅନୁଯାୟୀ ଶିଶୁର ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

## କୁମ୍ଭୀର ଆଖିରେ ଆଙ୍ଗୁଠି ଗେଞ୍ଜି ଖସିଆସିଲେ ଚାଷୀ

ମହାକାଳପଡ଼ା,୪।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମଚଣ୍ଡୀ ଗଳିଆ ନଦୀରେ ବୁଧବାର ସକାଳେ ଚାଷୀ ତୁଷାର ମଣ୍ଡଳ(୪୫) ଶୌଚ ହେଉଥିଲେ। ଏହି ସମୟରେ ଏକ ବଡ଼ କୁମ୍ଭୀର ତାଙ୍କ ହାତକୁ କାମୁଡ଼ି ପ୍ରାୟ ୧୦ଫୁଟ୍ ନଦୀ ଭିତରକୁ ଟାଣି ନେଇଥିଲା। ତୁଷାର ଉପସ୍ଥିତି ବୁଦ୍ଧି ଖଟାଇ କୁମ୍ଭୀର ଆଖିରେ ନିଜ ଆଙ୍ଗୁଠି ଗେଞ୍ଜି ଦେଇଥିଲେ। କୁମ୍ଭୀରଟି ଆଘାତ ପାଇବାରୁ ତୁଷାରଙ୍କୁ ଛାଡ଼ି ଦେଇଥିଲା। ତୁଷାର ପ୍ରାଣ ବିକଳରେ ପହଁରି କୂଳକୁ ଆସିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ବାମ ହାତରେ ୧୫ଟି ଷ୍ଟିଚ୍ ପଡ଼ିଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତୁଷାରଙ୍କ ଘର ବଉଳ କଣି ପଞ୍ଚାୟତ ଲୁଣାଘେରି ଗ୍ରାମରେ। ସେ ଗଳିଆ ନଦୀ କୂଳରେ ଧାନ ଚାଷ କରିଛନ୍ତି।

## ପଣସ ଚାଷକୁ ପ୍ରୋତ୍ସାହନ ପାଇଁ ଏମ୍ଓୟୁ

ଭୁବନେଶ୍ୱର,୪।୧୨(ଅନିଲ ଦାସ)

ରାଜ୍ୟରେ ପଣସ ଚାଷକୁ ପ୍ରୋତ୍ସାହିତ କରିବାକୁ କୃଷି ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ ୨ଟି ଘରୋଇ କମ୍ପାନୀ ସହ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ଏହି ସହଭାଗିତା ତାଲିମ ଦେବା ସହିତ ଉତ୍ପାଦର ବଜାରୀକରଣ ସୁଯୋଗ ସୃଷ୍ଟି କରିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଡେରାସଠାରେ ଥିବା ଉଦ୍ୟାନ କୃଷିର ଉତ୍କର୍ଷ କେନ୍ଦ୍ରରେ ୩୦ ନଭେମ୍ବର ଓ ଡିସେମ୍ବର ୧ରେ ଓଡ଼ିଶା ଜ୍ୟାକ୍ଫ୍ରୁଟ୍ ମିଶନ ଅଧୀନରେ ଦୁଇଦିନିଆ ତାଲିମ କର୍ମଶାଳା ଆୟୋଜନ କରାଯାଇଥିଲା। ରାଜ୍ୟରେ ଥିବା ୩ଗୋଟି ଟେକ୍ନୋଲୋଜି ଇନ୍କ୍ୟୁବେଶନ କେନ୍ଦ୍ର କୋରାପୁଟ, କନ୍ଧମାଳ ଓ କେନ୍ଦୁଝରର ପ୍ରତିନିଧି, ବିଭାଗୀୟ ଅଧିକାରୀ, ଓଟ୍ମାସ, ଆଇସିଏଆର୍-ସିଏଚ୍ଇଏସ୍ ଏବଂ ପାଲାଡିୟମର ଅଧିକାରୀବୃନ୍ଦ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। କେରଳର ଶିଳ୍ପ ବିଶେଷଜ୍ଞ ଏବଂ ମାଷ୍ଟର ଟ୍ରେନରମାନେ କଞ୍ଚା ପଣସରୁ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ ତିଆରି କରିବା ଶିଖାଇଥିଲେ।

## ଭଡ଼ାରେ ଲାଗିବ ସରକାରୀ ଜମି

ଭୁବନେଶ୍ୱର,୪।୧୨(ଅନିଲ ଦାସ)

ଦୀର୍ଘ ବର୍ଷ ଧରି ଅବ୍ୟବହୃତ ସରକାରୀ ଜମି ଭଡ଼ାରେ ଲାଗିବ। ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ୍ୟ ସଦୁପଯୋଗ କରାଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଜିଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ(ଆଇଆଇସି)ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ। ସମ୍ପୃକ୍ତ ବିଭାଗଗୁଡ଼ିକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ଶାସନ ସଚିବ କହିଛନ୍ତି। ଭୁବନେଶ୍ୱରରେ ଜାତୀୟସ୍ତରର ବହୁ ଅନୁଷ୍ଠାନ ସ୍ଥାପନ ପାଇଁ ଜମିର ଆବଶ୍ୟକତା ରହିଛି। ସମସ୍ତ ବିଭାଗ ଏସବୁ ଅନୁଷ୍ଠାନର ତାଲିକା ପ୍ରସ୍ତୁତ କରି ତୁରନ୍ତ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଲେ ସେହି ଜାତୀୟ ସଂସ୍ଥାଗୁଡ଼ିକୁ ଜମି ଆବଣ୍ଟନ ପ୍ରକ୍ରିୟାକୁ ସାଧାରଣ ପ୍ରଶାସନ ବିଭାଗ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ପରିତ୍ୟକ୍ତ ଘରର ଛାତ ଭୁଶୁଡ଼ି ନାବାଳକ ମୃତ

### ଅନ୍ୟ ଜଣେ ନାବାଳକ ଆହତ

ଡାବୁଗାଁ, ୪।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ହାଟପଦା ସାହିରେ ବୁଧବାର ସକାଳେ ଏକ ପରିତ୍ୟକ୍ତ ଗୃହର ଛାତ ଭୁଶୁଡି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହେଶ୍ୱର ଗୌଡ଼ (୧୨)। ଏଥିରେ ଅନ୍ୟଜଣେ ନାବାଳକ ଉମା ଜାନୀ (୧୦) ଆହତ ହୋଇଛନ୍ତି। ବୁଧବାର ସକାଳୁ ଏକ ପରିତ୍ୟକ୍ତ ଜଗୁଆଳି ଘରକୁ ମହେଶ୍ୱର ଓ ଉମା ଯାଇଥିଲେ। ସେମାନେ ଗୃହରେ କଂକ୍ରିଟ ଝରକା ଲୁହାରଡ୍ ବାହାର କରିବାବେଳେ ଛାତ ଭୁଶୁଡ଼ି ପଡିଥିଲା। ଫଳରେ ମହେଶ୍ୱର ଓ ଉମା ଚାପିହୋଇଯାଇଥିଲେ। ପିଲାମାନଙ୍କର ପାଟି ଶୁଣି ଲୋକେ ପହଞ୍ଚି ଅଗ୍ନିଶମ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କେନ୍ଦ୍ର କର୍ମଚାରୀ ନାବାଳକମାନଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ଲଛମନ ଗୌଡ଼ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ ଥାନା କେସ୍ ନଂ. ୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ରେ ନିଆଁ



ଗଞ୍ଜାମ,୪।୧୨(ବିଦ୍ୟାଧର ସାହୁ)

ଗଞ୍ଜାମସ୍ଥିତ ଲକ୍ଷ୍ମୀପୁର ସୂର୍ଯ୍ୟ ନାରାୟଣପୁର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳ ସାଢେ ୬ଟାରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଚଳନ୍ତା ଟ୍ରକ୍(ନଂ ୦୦ସି ୫୮୫୫୨)ରେ ନିଆଁ ଲାଗିଯାଇଥିଲା। ତେବେ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ଧରଣର ବିପଦ ଟଳିଯାଇଛି। ଛତ୍ରପୁର ଦମକଳବାହିନୀ ନିଆଁକୁ ଆୟତ୍ତ କରିଥିଲା। ଗାଡି ଚାଲିଥିବା ବେଳେ ଟ୍ରକର ସେଲ୍ଫ ମୋଟର ଶର୍ଟ ହୋଇଯିବା ଫଳରେ ଗାଡିରେ ନିଆଁ ଲାଗିଯାଇଥିବା ଡ୍ରାଇଭର ପ୍ରହ୍ଲାଦ ଜାନୀ କହିଛନ୍ତି। ଖୋର୍ଦ୍ଧା ପିପିସିଏଲ୍ରୁ ଟ୍ରକ୍ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଧରି ବ୍ରହ୍ମପୁର ଆସୁଥିଲା। ଟ୍ରକରୁ ହଠାତ୍ ଧୂଆଁ ବାହାରୁଥିବା ଜାଣି ଡ୍ରାଇଭର ଗାଡ଼ି ରଖି ଦେଖିଥିଲେ। ଗାଡ଼ିରେ ୪୨୦ ସିଲିଣ୍ଡର ଓ ୧୦ଟି ୩୫ କେଜିଆ ସିଲିଣ୍ଡର ଲୋଡ୍ ହୋଇଥିଲା।

## ଗାଈକୁ ମାରି ଖାଇଲା ମହାବଳ

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋସାଣି ବ୍ଲକ ଅନ୍ତର୍ଗତ କନ୍ହେଇପୁର ନିକଟ ଅନ୍ଧାରିଖୋଲା ଗ୍ରାମରେ ଗାଈକୁ ମାରି ଖାଇଛି ମହାବଳ ବାଘ। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବାଘଟି ଗୁହାଳରୁ ଗାଈକୁ ଘୋଷାଡି ଶହେ ମିଟର ଦୂର କାଜୁତୋଟାକୁ ନେଇଯାଇଥିଲା। ପ୍ରାୟ ୫୦% ବାଘ ଖାଇ ଛାଡି ଯାଇଥିବା ଜଣାପଡିଛି। ଗାଈଟି ଗ୍ରାମର ଜାକବ ଶବରଙ୍କର। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରେ ବୁଧବାର ସନ୍ଧ୍ୟା ସୁଦ୍ଧା ୫ଟି ଟ୍ରାପ କ୍ୟାମେରା ଲଗାଯାଇଛି। ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଆଖପାଖ ଗ୍ରାମରେ କର୍ମଚାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି। କ୍ଷତିଗ୍ରସ୍ତ ଗାଈମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ ବୋଲି ଏସିଏଫଓ ଅରୁଣ ସାହୁ କହିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ପହଞ୍ଚି ଯାଞ୍ଚ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ସମାନ ସମୟରେ ସେହି ଅଞ୍ଚଳରେ ବାଘ ବୁଲୁଥିବା ବେଳେ ବନ ବିଭାଗର ଟ୍ରାପ କ୍ୟାମେରାରେ କଏଦ ହୋଇଥିଲା। ପରେ ଏହା ଏକ ମହାବଳ ବାଘ ଏବଂ ମହାରାଷ୍ଟ୍ରରୁ ଆସିଥିବା ସ୍ପଷ୍ଟ ହୋଇଥିଲା।

## ପିକ୍ଅପ୍ ଧକ୍କାରେ ଦାଦା, ପୁତୁରା ମୃତ

ଗୋପାଳପୁର,୪।୧୨ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ମଙ୍ଗଳବାର ରାତିରେ ଏକ ବୋଲେରୋ ପିକଅପ୍ ଭ୍ୟାନ୍ ଛିଡା ହୋଇଥିବା ସ୍କୁଟିକୁ ଧକ୍କା ଦେବାରୁ ଦାଦା ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ଗୋଳନ୍ଥରା ଥାନା ଅଧୀନ ରାମେୟାପାଟଣା ଗ୍ରାମର ଭି ରବି କୁମାର (୨୪) ଓ ତାଙ୍କ ପୁତୁରା ଭି. କାର୍ତ୍ତିକ (୨୧)। ଗୁରୁତର ଜଣଙ୍କ ହେଲେ ବି. ବିଜୟ କୁମାର। ମଙ୍ଗଳବାର ରାତିସାଢେ ୧୦ଟାରେ କାର୍ତ୍ତିକ, ରବି ଓ ବିଜୟ ଇଛାପୁର ରେଳଷ୍ଟେଶନରୁ ଫେରି ଗୋବିନ୍ଦପୁର ଛକ ନିକଟରେ ସ୍କୁଟି ସହ ଛିଡ଼ା ହୋଇଥିଲେ। ଏହି ସମୟରେ ସୁନାପୁରରୁ ସୋରଳ ଜଙ୍କସନ ଅଭିମୁଖେ ଏକ ବୋଲେରୋ ପିକଅପ୍ ଭ୍ୟାନ୍ (ନଂ. ଓଡି୦୨ସିଜେ-୪୭୩୩) ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା।

## ଧାନକିଣା କମିଟିରେ ଚାଷୀଙ୍କୁ ରଖିବାକୁ ବିଧାୟିକାଙ୍କ ନାଁ ସୁପାରିସ

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ସ୍ତରୀୟ ଧାନକିଣା କମିଟିରେ ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀର କେତେଜଣ ଚାଷୀଙ୍କୁ ସାମିଲ କରିବାକୁ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଏକ ତାଲିକା ଦେଇ ସୁପାରିଶ କରିଛନ୍ତି। ବିଧାୟିକାଙ୍କ ଚିଠି ଜିଲାପାଳଙ୍କ ସୁପାରିଶରେ ନୟାଗଡ଼ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ (ଏଆରସିଏସ୍)ଙ୍କ ମାଧ୍ୟମରେ ପାକ୍ସରେ ପହଞ୍ଚି। ୨ ନିର୍ବାଚନମଣ୍ଡଳୀର ଅଧିକାଂଶ ପାକ୍ସରେ ଧାନକିଣା କମିଟିରେ ସଦସ୍ୟ ଚୟନ ସରିଛି। ତେଣୁ ସୁପାରିଶ ହୋଇଥିବା ଚାଷୀଙ୍କୁ ସାମିଲ କରିବା ନିମନ୍ତେ କାହାକୁ କମିଟିରୁ ବାଦ୍ ଦିଆଯିବ ସେନେଇ ପାକ୍ସ କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିଛି।

ପାକ୍ସସ୍ତରୀୟ ଧାନକିଣା କମିଟିରେ ରାଜସ୍ୱ ନିରୀକ୍ଷକ (ଆର୍ଆଇ), ଗ୍ରାମୀଣ କୃଷି କର୍ମଚାର (ଭିଏଡବ୍ଲ୍ୟୁ), ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ସ୍ଥାନୀୟ ସରପଞ୍ଚ, ପାକ୍ସ ସଭାପତି ଓ ସମ୍ପାଦକଙ୍କ ସହିତ ୬ଜଣ ପଞ୍ଜୀକୃତ ଚାଷୀ ରହିବା ବ୍ୟବସ୍ଥା ରହିଛି। କମିଟି ଗଠନ କରିବାକୁ ଏଆରସିଏସ୍ ଅକ୍ଟୋବର ୮ରେ ଚିଠି କରିଥିଲେ। ତଦନୁସାରେ ପାକ୍ସଗୁଡ଼ିକରେ ଧାନକିଣା କମିଟିରେ ସଦସ୍ୟ ଚୟନ କରାଯାଇଛି। ଗତ ନଭେମ୍ବର ୧୯ରେ ଚିଠି ନଂ.୨୧୧ରେ ରଣପୁର ବିଧାୟିକା ପାକ୍ସ ପିଛା ୩ରୁ ୫ଜଣ ଲେଖାଏ ଚାଷୀଙ୍କୁ ସଦସ୍ୟ କରିବା ପାଇଁ ଜିଲାପାଳଙ୍କୁ ସୁପାରିସ କରିଛନ୍ତି। ଏନେଇ ସମବାୟ ସମିତି ସମୂହ ଉପ ନିବନ୍ଧକ (ଡିଆର୍ସିଏସ୍) ଅନନ୍ତ କୁମାର ନାୟକ କୁହନ୍ତି, ଜନ ପ୍ରତିନିଧି ନାମ ସୁପାରିସ କରିବାରେ କିଛି ଅସୁବିଧା ନାହିଁ। କମିଟିରେ କେଉଁମାନେ ସଦସ୍ୟ ରହିବେ ସେନେଇ ପାକ୍ସ ପ୍ରସ୍ତାବ ଦେବ। ପାକ୍ସସ୍ତରୀୟ କମିଟିରେ ଚିଠି ପାଇବା ପରେ ବିଡିଓ ବିଜ୍ଞପ୍ତି ଜାରି କରିବେ। ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ନୋଡାଲ ଅଫିସର ଏଆର୍ସିଏସ୍ ହୋଇଥିବାରୁ ସରକାରୀ ଗାଇଡ୍ଲାଇନକୁ ଦେଖି ସେ ପଦକ୍ଷେପ ନେବେ। ଜିଲାପାଳଙ୍କ ସ୍ୱୀକୃତି ପରେ କମିଟି ନାଁ ଘୋଷଣା ହେବ। ଏଆରସିଏସ୍ ପ୍ରାର୍ଥନା ପ୍ରିୟଦର୍ଶିନୀ କୁହନ୍ତି, ନୟାଗଡ଼ ଓ ରଣପୁର ନିର୍ବାଚନମଣ୍ଡଳୀର ପାକ୍ସଗୁଡିକରେ କେତେଜଣ ଚାଷୀଙ୍କ ନାମ ସାମିଲ ପାଇଁ ଜିଲାପାଳଙ୍କ ଚିଠି ମିଳିବା ପରେ ପାକ୍ସକୁ ପଠାଯାଇଛି। କମିଟିରେ କାହାକୁ ରଖାଯିବ ସେନେଇ ପାକ୍ସ ନିଷ୍ପତ୍ତି ନେବ।

### ଜାତୀୟ/ଅନ୍ତର୍ଜାତୀୟ ଖବର

## ୮୪.୭୬ ଟଙ୍କାରେ ୧ ଡଲାର

ମୁମ୍ବାଇ,୪।୧୨



ଦିନକୁ ଦିନ ତଳମୁହାଁ ହେବାରେ ଲାଗିଥିବା ଟଙ୍କା ବୁଧବାର ଆହୁରି ଖସି ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ୮ ପଇସା ଶସ୍ତା ହୋଇଯିବାରୁ ଏହାର ବିନିମୟ ମୂଲ୍ୟ ୮୪.୭୬ ଟଙ୍କା ରହିଛି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଘରୋଇ ଇକ୍ୱିଟି ବଜାରରେ ସକାରାତ୍ମକ ଟ୍ରେଣ୍ଡ୍ ଏବଂ ବିଦେଶୀ ପାଣ୍ଠିର ଆଗମନ ଟଙ୍କାକୁ ତଳସ୍ତରରେ ସମର୍ଥନ କରିଛି। ଅନ୍ୟପକ୍ଷେ ଇଣ୍ଟରବ୍ୟାଙ୍କ କରେନ୍ସି ଏକ୍ସଚେଞ୍ଜରେ ଟଙ୍କାର କାରବାର ୮୪.୬୬ରେ ଆରମ୍ଭ ହୋଇ ୮୪.୬୫-୮୪.୭୬ରେ ରହିଥିଲା। ଶେଷରେ ଏହା ୮୪.୭୬ରେ ସ୍ଥିର ହୋଇଥିଲା, ଯାହାକି ମଙ୍ଗଳବାରର ୮୪.୬୮୦ାରୁ ୮ ପଇସା କମ୍। ମିରେଜ୍ ଆସେଟ୍ ଶେୟାରଖାନ୍ ରିସର୍ଚ୍ଚ ଆନାଲିଷ୍ଟ ଅଞ୍ଜୁ ଚୌଧରୀ କହିଛନ୍ତି, ଶକ୍ତ ଡଲାର ଏବଂ ଅଶୋଧିତ ତୈଳ ଦରରେ ସକାରାତ୍ମକ ଗତି ଟଙ୍କାକୁ ଅଧିକ ଦୁର୍ବଳ କରିଦେଇଛି। ଇତିମଧ୍ୟରେ ୬ କରେନ୍ସିକୁ ନେଇ ଗଠିତ ଡଲାର ଇଣ୍ଡେକ୍ସ ୦.୧୧% ଉଚ୍ଚରେ କାରବାର କରିବା ସହ ୧୦୬.୪୭କୁ ଛୁଇଁଛି। ଗ୍ଲୋବାଲ ଅଏଲ୍ ବେଞ୍ଚମାର୍କ ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର ଟ୍ରେଡ୍ରେ ୦.୮୩% ଉପରକୁ ଉଠି ବ୍ୟାରେଲ ପିଛା ୭୪.୨୩ ଆମେରିକୀୟ ଡଲାରକୁ ଛୁଇଁଛି। ଘରୋଇ ପୁଞ୍ଜି ବଜାରରେ ସେନ୍ସେକ୍ସ ୧୧୦.୫୮ ପଏଣ୍ଟ ଉପରକୁ ଉଠି ୮୦,୯୫୯.୩୩ରେ ସେଟେଲ୍ ହୋଇଛି। ନିଫ୍ଟି ମାତ୍ର ୧୦.୩୦ ପଏଣ୍ଟ ବୃଦ୍ଧି ସହ ୨୪,୪୬୭ରେ ପହଞ୍ଚିଛି।

## ଶୋଭିତାଙ୍କ ହାତ ଧରିଲେ ନାଗା

ହାଇଦ୍ରାବାଦ, ୪।୧୨



ଅଭିନେତା ନାଗା ଚୈତନ୍ୟ ଓ ଅଭିନେତ୍ରୀ ଶୋଭିତା ଧୁଲିପାଲା ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ଏହି ଷ୍ଟାର୍ କପଲଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ବିବାହରେ ଫିଲ୍ମ ଜଗତର ବହୁ ବିଶିଷ୍ଟ ବ୍ୟକ୍ତଙ୍କ ସହ ନାଗା ଓ ଶୋଭିତାଙ୍କ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟ ଯୋଗଦେଇଥିଲେ। ଏହି ବିବାହର ଫଟୋକୁ ନାଗାଙ୍କ ବାପା ତଥା ସାଉଥ୍ ସୁପରଷ୍ଟାର ନାଗାର୍ଜୁନ ଅକ୍କିନେନୀ ଏକ୍ସ'ରେ ଶେୟାର କରିଛନ୍ତି। ଉଭୟ ନାଗା ଏବଂ ଶୋଭିତା ୨୦୨୨ରୁ ପରସ୍ପରକୁ ଡେଟିଂକରି ଆସୁଥିଲେ। ଗତ ଅଗଷ୍ଟ ୮ରେ ଉଭୟଙ୍କର ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା।

## ରାଜନୀତିରେ ଅନାବଶ୍ୟକ ଅଭିଯୋଗ ପାଇଁ ପ୍ରସ୍ତୁତ ରୁହ

### କେନ୍ଦ୍ରମନ୍ତ୍ରୀ ମୁରୁଗାନ୍ଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୪।୧୨

ଜଣେ ବ୍ୟକ୍ତି ରାଜନୀତିରେ ପ୍ରବେଶ କରିବାବେଳେ ସବୁ ପ୍ରକାର ଅନାବଶ୍ୟକ ଓ ଅବାଞ୍ଛିତ ଅଭିଯୋଗକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ। ଏକ ମାନହାନି ମାମଲାରେ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ବୁଧବାର ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ।

୨୦୨୦ ଡିସେମ୍ବରରେ ମୁରୁଗାନ୍ ଏକ ଖବରଦାତା ସମ୍ମିଳନୀରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ଚେନ୍ନାଇସ୍ଥିତ ମୁରସୋଲି ଟ୍ରଷ୍ଟ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୩ ସେପ୍ଟେମ୍ବର ୫ରେ ହାଇକୋର୍ଟ ଏହି ମାନହାନି ମାମଲା ରଦ୍ଦ କରିବାକୁ ମନା କରିଦେବାରୁ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସେତେବେଳେ ମୁରୁଗାନ୍ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ରୋକ ଲଗାଇଥିଲେ।

ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍ଙ୍କ ଖଣ୍ଡପୀଠରେ ବୁଧବାର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ଙ୍କ ଆବେଦନର ଶୁଣାଣି ହୋଇଛି। ଖଣ୍ଡପୀଠ ଶୁଣାଣି ବେଳେ ପ୍ରଶ୍ନକଲେ, ମାନହାନି କରିବା ଆପଣଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ଏକ ବିବୃତି ଦେବାକୁ ଚାହୁଁଛନ୍ତି କି? ଟ୍ରଷ୍ଟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ କହିଲେ, ପଦପଦବୀରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରାଯିବା ଉଚିତ। ଖଣ୍ଡପୀଠ କହିଲେ, ଯେତେବେଳେ ଆପଣ ରାଜନୀତିରେ ପାଦ ଥାପୁଛନ୍ତି, ସେତେବେଳଠାରୁ ଏଭଳି ଅବାଞ୍ଛିତ ମନ୍ତବ୍ୟକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇଯିବା ଉଚିତ। ଟ୍ରଷ୍ଟର ଓକିଲ କହିଲେ, ସେମାନେ ରାଜନୀତିରେ ନାହାନ୍ତି। ଖଣ୍ଡପୀଠ କହିଲେ, ଆପଣଙ୍କ ଭାବାବେଗକୁ ଆଘାତ ଦେବା ଆବେଦନକାରୀଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ଏକ ବୟାନ ଦେଉଛନ୍ତି। ଏନେଇ ସେ ଗୁରୁବାର ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ସେମାନେ ଲୋକଙ୍କ ଆଗରେ ଯୁଦ୍ଧ ଲଢ଼ିବା କଥା। ଆଜିକାଲି ମହାରାଷ୍ଟ୍ରରେ କୁହାଯାଉଛି ଯେ, ଆପଣ ରାଜନୀତିକୁ ଆସିବାକୁ ଚାହିଁଲେ ଆପଣଙ୍କଠାରେ ଗଣ୍ଡା ଚର୍ମ ଥିବା ଜରୁରୀ। ଖଣ୍ଡପୀଠ ଏଭଳି ଟିପ୍ପଣୀ ଦେବା ସହ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୫ରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ଶୁଟିଂ ସେଟ୍ରେ ସଲମାନଙ୍କୁ ଧମକ

ମୁମ୍ବାଇ, ୪।୧୨

ମୁମ୍ବାଇରେ ସଲମାନଙ୍କ ଏକ ଫିଲ୍ମର ଶୁଟିଂ ଚାଲିଥିବାବେଳେ ଜଣେ ଅଚିହ୍ନା ଯୁବକ ଶୁଟିଂ ସେଟ୍ ମଧ୍ୟରେ ପଶି ସଲମାନଙ୍କୁ ଧମକ ଦେଇଛନ୍ତି। ଉକ୍ତ ଯୁବକ ସୁରକ୍ଷା କର୍ମୀଙ୍କୁ ଧୂଳି ଚଟାଇ ଶୁଟିଂ ସେଟ ମଧ୍ୟରେ ପଶିଥିଲେ। ସେ ସଲମାନଙ୍କୁ ଦୂରରୁ ଦେଖି ଚିଲ୍ଲାଇବା ସହ ବିଷ୍ଣୋଇଙ୍କୁ ଡାକିବି କି ବୋଲି ପଚାରିଥିଲେ। ସେଠାରେ ତାଙ୍କୁ ସୁରକ୍ଷା କର୍ମୀ କାବୁକରିବାରେ ସଫଳ ହୋଇଥିଲେ। ଶିବାଜୀ ପାର୍କ ଥାନାରେ ପୋଲିସ ଉକ୍ତ ଯୁବକଙ୍କ ପଚରାଉଚରା କରୁଛି। ଯୁବକ ଜଣକ ନିଜକୁ ସଲମାନଙ୍କ ପ୍ରଶଂସକ ଭାବେ ପରିଚୟ ଦେଇଥିବା ପୋଲିସ କହିଛି।

## ଆସାମ ହୋଟେଲରେ ଗୋମାଂସ ମନା

ଗୁଆହାଟୀ, ୪।୧୨

ଆସାମ ସରକାର ବୁଧବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ଗ୍ରାହକଙ୍କୁ ଗୋମାଂସ ପରସିବା ଉପରେ କଟକଣା ଲାଗୁ ହୋଇଛି। ବୁଧବାର ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଆସାମ କ୍ୟାବିନେଟ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଘୋଷଣା କରି କହିଛନ୍ତି, ବୁଧବାରଠାରୁ ଆମାସର କୌଣସି ମଧ୍ୟ ରେଷ୍ଟୁରାଣ୍ଟ, ହୋଟେଲ କିମ୍ବା କୌଣସି ସାର୍ବଜନୀନ ସମାରୋହ କିମ୍ବା ସ୍ଥାନରେ ଗୋମାଂସ ପରଷା ଯାଇପାରିବ ନାହିଁ। ଏହି ନିୟମକୁ ରାଜ୍ୟରେ କଡ଼ାକଡ଼ି ଭାବରେ ଲାଗୁ କରାଯିବ। ରାଜ୍ୟରେ ଗୋହତ୍ୟା ରୋକିବା ପାଇଁ ତାଙ୍କ ନେତୃତ୍ୱାଧୀନ ଭାଜପା ସରକାର ୩ ବର୍ଷ ତଳେ ଆଇନ ଆଣିଥିଲେ। ଏହାଦ୍ୱାରା ଗୋହତ୍ୟା ବହୁ ମାତ୍ରାରେ କମିଥିବା ସେ କହିଛନ୍ତି। ତେବେ ଏହି ଅବସରରେ ଆସାମ ମନ୍ତ୍ରୀ ପୀୟୁଷ ହଜାରିକା ଏକ ବିବାଦୀୟ ବୟାନ ଦେଇଛନ୍ତି। ଯେଉଁମାନେ ଆସାମ ସରକାରଙ୍କ ଗୋମାଂସ କଟକଣା ନିଷ୍ପତ୍ତି ସହ ସହମତ ନୁହନ୍ତି ସେମାନେ ପାକିସ୍ତାନ ଚାଲିଯିବା ଉଚିତ ବୋଲି ପୀୟୁଷ କହିଛନ୍ତି।

## ଜାରେଡ୍ ଇସାକ୍ମ୍ୟାନ ହୋଇପାରନ୍ତି ନାସା ମୁଖ୍ୟ

ୱାଶିଂଟନ, ୪।୧୨

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ବିଲିୟନେୟାର ଉଦ୍ୟୋଗୀ ଜାରେଡ୍ ଇସାକ୍ମ୍ୟାନ୍ଙ୍କୁ ପରବର୍ତ୍ତୀ ନାସା ମୁଖ୍ୟ ଭାବେ ମନୋନୀତ କରିଛନ୍ତି। କିଛି ଦିନ ତଳେ ଇସାକ୍ମ୍ୟାନ ପ୍ରଥମ ପ୍ରାଇଭେଟ୍ ଆଷ୍ଟ୍ରୋନଟ୍ ଭାବେ ସ୍ପେସ୍ୱାକ୍ କରି ଇତିହାସ ରଚିଥିଲେ। ୪୧ ବର୍ଷୀୟ ଇସାକ୍ମ୍ୟାନ୍ 'ସିଫ୍ଟଫର୍ ପେମେଣ୍ଟସ୍' କମ୍ପାନୀର ସିଇଓ ହୋଇଥିବା ବେଳେ ସ୍ପେସ୍ ଏକ୍ସ' ସିଇଓ ଏଲନ୍ ମସ୍କଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ସେହିପରି ଟ୍ରମ୍ପ ଫ୍ଲୋରିଡା ଗଭର୍ନର ରନ୍ ଡେସାଣ୍ଟିସ୍ଙ୍କୁ ପେଣ୍ଟାଗନର ମୁଖ୍ୟ ଭାବେ ମନୋନୀତ କରିବା ଦିଗରେ ବିଚାର କରୁଛନ୍ତି ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲକାନ ପାର୍ଟି ପ୍ରାର୍ଥୀ ଭାବରେ ଡେସାଣ୍ଟିସ୍ ଟ୍ରମ୍ପଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

## ଥରୁରଙ୍କୁ 'ହନୁମାନଙ୍କ ଆଶୀର୍ବାଦ'



ନୂଆଦିଲ୍ଲୀ,୪।୧୨

କଂଗ୍ରେସ ନେତା ଶଶୀ ଥରୁର ବୁଧବାର ନିଜ ଏକ୍ସ' ଆକାଉଣ୍ଟରେ ୟୁଜର୍ସଙ୍କ ସହ ଏକ ଅଭୂତପୂର୍ବ ଅନୁଭୂତି ବାଣ୍ଟିଛନ୍ତି। ଥିରୁଭାନନ୍ତପୁରମ୍ ଏମ୍ପି ଥରୁ ଘର ବଗିଚାରେ ବସିଥିବାବେଳେ ଏକ ମାଙ୍କଡ଼ ଆସି ତାଙ୍କ କୋଳରେ ବସିଥିଲା। ମାଙ୍କଡ଼ ଥରୁରଙ୍କୁ ଆଲିଙ୍ଗନ କରିବା ପରେ ସେ ତାକୁ ୨ଟି କଦଳୀ ଖାଇବାକୁ ଦେଇଥିଲେ। ମାଙ୍କଡ଼ ତାଙ୍କ ଛାତିରେ ଭରାଦେଇ ଆଶ୍ରୟ ନେବା ପରେ ଶୋଇପଡ଼ିଥିଲା। ଥରୁର ଆତଙ୍କିତ ନ ହୋଇ ଶାନ୍ତିରେ ଖବରକାଗଜ ପଢ଼ିବାରେ ଲାଗିଥିଲେ। ଏହି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜଣେ ଏକ୍ସ' ୟୁଜର ନିଜ ପ୍ରତିକ୍ରିୟାରେ ଲେଖିଛନ୍ତି, ଥରୁରଜୀ ଆପଣ ବୋଧେ ହନୁମାନଜୀଙ୍କ ଆଶୀର୍ବାଦ ପାଇଗଲେ।

